## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବଡ଼ପଡ଼ାରେ ନୂତନ ଶିକ୍ଷା ସୌଧ ଉଦ୍‌ଘାଟିତ

# ମାଲକାନଗିରି ସବୁବେଳେ, ସବୁ କାମରେ ମୋର ପ୍ରଥମ ପସନ୍ଦ: ମୁଖ୍ୟମନ୍ତ୍ରୀ

ମାଲକାନଗିରି/ଚିତ୍ରକୋଣ୍ଡା,୧୪ା୩(ସମିସ)





ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳକୁ ରାଜ୍ୟ ସରକାର ବିକାଶର ଶିଖରରେ ପହଞ୍ଚାଇବା ପାଇଁ ସ୍ୱାପ୍ନର ସେତୁ ଗୁରୁପ୍ରିୟା କରିବା ପରେ ଅଞ୍ଚଳରେ ଆସିଛି ଉଲ୍ଲେଖନୀୟ ବିକାଶ। ଅଞ୍ଚଳରେ ଅନେକ ଯୋଜନା କରି ବିକାଶକୁ ରାଜ୍ୟ ସରକାର ତ୍ୱରାନ୍ୱିତ କରିଥିବାବେଳେ ଗୁରୁବାର ଶିକ୍ଷାର ବିକାଶ ପାଇଁ ଆଭାସୀ ଦ୍ୱାରା ବଡ଼ପଡ଼ାରେ ନୂତନ ଶିକ୍ଷାସୌଧ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଯାହା ଫଳରେ ଅଞ୍ଚଳରେ ପ୍ରଥମ ଶ୍ରେଣୀରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ପାଠପଢ଼ିବାର ସୁଯୋଗ ପାଇପାରିବେ ପିଲାଏ। ଏହି ନୂତନ ଶିକ୍ଷା ସୌଧ ଉଦଘାଟନ କରିବାରୁ ହଜାରେରୁ ଅଧିକ ପିଲା '୫-ଟି' ଉପକ୍ରମରେ ପାଠ ପଢ଼ିପାରିବେ ବୋଲି ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ। ଏହାସହ ଆଜି ସ୍ୱାଭିମାନ ଅଞ୍ଚଳରେ ସୃଷ୍ଟି ହୋଇଛି ଶିକ୍ଷାର ନୂତନ ଆଲୋକବର୍ତ୍ତିକା ବୋଲି ମଧ୍ୟ ପ୍ରକାଶ କରିଛନ୍ତି। ଏହି ଶିକ୍ଷା ସୌଧରେ ପ୍ରଥମରୁ ଉଚ୍ଚ ମାଧ୍ୟମିକ (ଦ୍ୱାଦଶ ଶ୍ରେଣୀ) ପର୍ଯ୍ୟନ୍ତ ପିଲାମାନେ ଗୋଟିଏ ସ୍ଥାନରେ ଶିକ୍ଷାଲାଭ କରିପାରିବାର ବ୍ୟବସ୍ଥା କରାଯାଇଥିବା ବେଳେ ୭ ଏକର ଜମିରେ ଏହାକୁ ସ୍ଥାପନା କରାଯାଇଛି। ଏହି ଆଧୁନିକ ଶିକ୍ଷାସୌଧ ପାଇଁ ମୋଟ ୧୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ୧ ହଜାରରୁ ଅଧିକ ପିଲା ପାଠ ପଢ଼ିପାରିବାର ବ୍ୟବସ୍ଥା କରାଯାଇଛି। ଭବିଷ୍ୟତ ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବାକୁ ଏଥିରେ ସମସ୍ତ ଆଧୁନିକ ସୁବିଧା ସୁଯୋଗ ରହିଛି। ସ୍ମାର୍ଟ କ୍ଲାସ ରୁମ୍, ୩ ହଜାର ପୁସ୍ତକ ବିଶିଷ୍ଟ ଇ-ଲାଇବ୍ରେରୀ, ଟ୍ରାଇବାଲ କର୍ଣ୍ଣର, କୁନି ପିଲାଙ୍କ ଆକ୍ଟିଭିଟି ରୁମ୍, ଏନସିସି ପ୍ରକୋଷ୍ଠ, କମ୍ପ୍ୟୁଟର ଲ୍ୟାବ, ସ୍ମାର୍ଟ ଲର୍ଣ୍ଣିଙ୍ଗ ସେଣ୍ଟର, ବିଜ୍ଞାନ ପରୀକ୍ଷାଗାର, ୨୦୦ ଆସନ ବିଶିଷ୍ଟ ଛାତ୍ରାବାସ, ୫୦୦ ଆସନ ବିଶିଷ୍ଟ ଛାତ୍ରୀନିବାସ, ବଗିଚା, ଜିମ, ଖେଳ ପାଇଁ ସ୍ୱତନ୍ତ୍ର ପଡ଼ିଆ ଓ ସମସ୍ତ ବ୍ୟବସ୍ଥା ସହ ଆହୁରି ଅନେକ ସୁବିଧା ରହିଛି। ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ମାଲକାନଗିରି ସବୁବେଳେ, ସବୁ କାମରେ ମୋର ପ୍ରଥମ ପସନ୍ଦ ହୋଇ ରହି ଆସିଛି। ଟଙ୍କିକିଆ ଚାଉଳ ହେଉ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବା 'ଲକ୍ଷ୍ମୀ' ଯୋଜନା ସବୁ କାର୍ଯ୍ୟକ୍ରମ ମୁଁ ପ୍ରଥମେ ଏଠିଠାରୁ ହିଁ ଆରମ୍ଭ କରି ଆସିଛି।

ବଡ଼ପଡ଼ା ଶିକ୍ଷା ସୌଧ ପାଇଁ ଆନନ୍ଦ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ପିଲାମାନଙ୍କ ପାଠପଢ଼ର ସୁବିଧା ତଥା ସେମାନଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ଏହି ଅନୁଷ୍ଠାନ ଗଢ଼ାଯାଇଛି। ଏହି ସବୁ ସୁବିଧା ସହରର କୌଣସି ଆଧୁନିକ ଶିକ୍ଷାନୁଷ୍ଠାନର ସୁବିଧାଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ସ୍ୱାଭିମାନ ଅଞ୍ଚଳର ପିଲାମାନେ ଏହାର ସୁଯୋଗ ନେଇ ନିଜ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବେ ବୋଲି ସେ ଆଶା ଓ ବିଶ୍ୱାସ ପ୍ରକଟ କରିଥିଲେ। ଶୃଙ୍ଖଳା, ପ୍ରତିବଦ୍ଧତା ସହିତ କଠିନ ପରିଶ୍ରମ ଓ ନିଷ୍ଠାର ସହ କାମ କଲେ ସଫଳତାର ମାର୍ଗ ପ୍ରଶସ୍ତ ହୁଏ ବୋଲି ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି

**● ସ୍ୱାଭିମାନ ଅଞ୍ଚଳରେ ସୃଷ୍ଟି ହୋଇଛି ଶିକ୍ଷାର ନୂତନ ଆଲୋକବର୍ତ୍ତିକା**

ଶିକ୍ଷା ସୌଧରେ ଥିବା ସମସ୍ତ ସୁବିଧାର ଉପଯୋଗ କରି ନିଜର ପ୍ରତିଭାର ବିକାଶ ପାଇଁ କାମ କରିବାକୁ ସେ କହିଥିଲେ ଏବଂ ନିଜ ପରିବାର, ନିଜ ସ୍କୁଲ ଓ ନିଜ ଗାଁ ପାଇଁ ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ। ପିଲାଙ୍କୁ ଶୁଭେଚ୍ଛା ଜଣାଇବା ସହ '୫-ଟି' ଉପକ୍ରମରେ ହାଇସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ପିଲାମାନଙ୍କ ମନରେ ବଡ଼ ହେବା ପାଇଁ ଆତ୍ମବିଶ୍ୱାସ ସୃଷ୍ଟି କରିଛି ବୋଲି ମଧ୍ୟ ସେ ପ୍ରକାଶ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ପିଲାମାନେ ପାଠପଢ଼ାଠାରୁ ଖେଳ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବହୁତ ଭଲ ପ୍ରଦର୍ଶନ କରୁଥିବାରୁ ସେ ଏଥିପାଇଁ ଖୁସି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ କହିଲେ ଯେ ଆଗାମୀ ଦିନରେ ସ୍ୱାଭିମାନ ଅଞ୍ଚଳରେ ଏକ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହା ମାଧ୍ୟମରେ ସ୍ୱାଭିମାନ ଅଞ୍ଚଳର ଯୁବଗୋଷ୍ଠୀ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ପାଇବେ। ସେ ଆହୁରି ମଧ୍ୟ କହିଥିଲେ ଯେ 'ଲକ୍ଷ୍ମୀ' ଯୋଜନାର ଶୁଭାରମ୍ଭ ମାଲକାନଗିରିରୁ ହିଁ କରାଯାଇଛି। ସ୍ୱାଭିମାନ ଅଞ୍ଚଳର ବିକାଶ ନିମନ୍ତେ ସେତୁ ଯୋଜନାର ପରିକଳ୍ପନା ଜରିଆରେ ଅଞ୍ଚଳରେ ଗମନାଗମନ, ସ୍ୱାସ୍ଥ୍ୟ ଓ ଶିକ୍ଷା ଭିତ୍ତିଭୂମିର ବିକାଶ ହୋଇପାରିଛି। ତେବେ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ ଉପସ୍ଥିତ ରହି ଏହି ଶିକ୍ଷା ସୌଧ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ '୫-ଟି' ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ଉଦ୍ୟମର ଉଚ୍ଚପ୍ରଶଂସା କରିଥିଲେ। ଏହି ଅବସରରେ ମାଲକାନଗିରି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

---

■ ରୋଟାରୀ କ୍ଲବ ଗଭର୍ଣ୍ଣରଙ୍କ ମାଲକାନଗିରି ଜିଲ୍ଲା ଗସ୍ତ

## 'ଜନତାଙ୍କ ସେବା କରିବାରେ ରୋଟାରିୟାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ମାଲକାନଗିରି,୧୪ା୩(ସମିସ)



ଓଡ଼ିଶାର ୩୨୬୨ ରୋଟାରୀ କ୍ଲବର ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ଦିନିକିଆ ମାଲକାନଗିରି ଗସ୍ତରେ ଆସି ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ସ୍ୱାଗତ ହୋଟେଲ ସମ୍ମିଳନୀ କକ୍ଷରେ ମାଲକାନଗିରି ରୋଟାରୀ କ୍ଲବ ସଭାପତି ଶ୍ୟାମବାବୁ ଦୋରାଙ୍କ ସଭାପତିତ୍ୱରେ ସହକାରୀ ଗଭର୍ଣ୍ଣର ଅରବିନ୍ଦ ସାହୁ, ମାଲକାନଗିରି ଜିଲ୍ଲା ସମ୍ପାଦକ ଏ. ଈଶ୍ୱର ରାଓ, ଉପସ୍ଥିତ ରହବା ସହି ୫୦ରୁ ଊର୍ଦ୍ଧ୍ୱ ରୋଟାରୀ କ୍ଲବର କର୍ମକର୍ତ୍ତା ଓ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ରୋଟାରୀ କ୍ଲବର ସଭାପତି ଶ୍ରୀ ଦୋରା ଜିଲ୍ଲାରେ ରୋଟାରୀ କ୍ଲବ ତରଫରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେବା ସହ ଆଗାମୀ ଦିନରେ ଏହି କ୍ଲବ ଗରିବ ଅସହାୟ, ଲୋକଙ୍କ ସେବା ଜାରି ରଖିବ ବୋଲି ପ୍ରକାଶ କରିଥିଲେ। ଗଭର୍ଣ୍ଣର ଶ୍ରୀମତି ମହାନ୍ତି ତାଙ୍କ ବକ୍ତବ୍ୟରେ ରୋଟାରିୟାନମାନେ ଜନତାଙ୍କ ସେବା କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା, ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ, ଗରୀବ ଛାତ୍ରଛାତ୍ରୀଙ୍କ ଶିକ୍ଷା ଗ୍ରହଣରେ ସହାୟକ, ଆଭ୍ୟନ୍ତରୀଣ ଅଞ୍ଚଳରେ ପାନୀୟ ଜଳ ଏବଂ ପୁଷ୍କରଣୀ ଖନନ, ଚକ୍ଷୁ ଚିକିତ୍ସା ଶିବିର, ରୋଗୀ ସେବା, ଗୁରୁତର ରୋଗୀମାନଙ୍କୁ ରୋଟାରୀ କ୍ଲବ ମାଧ୍ୟମରେ ଚିକିତ୍ସାର ସୁବିଧା, ଇତ୍ୟାଦି କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ। ସେମାନେ କୌଣସି ସରକାରୀ କିମ୍ବା ବେସରକାରୀ କର୍ମଚାରୀ ନୁହନ୍ତି। ସେବା ମନୋବୃତି ରଖି କ୍ଲବ ମାଧ୍ୟମରେ ନିଜ ଅର୍ଥରେ କାର୍ଯ୍ୟ କଲେ ଆତ୍ମ ସନ୍ତୋଷ ମିଳିଥାଏ। ମାଲକାନଗିରି ଜିଲ୍ଲା ରୋଟାରୀ କ୍ଲବର ଜନହିତକର କାର୍ଯ୍ୟକଳାପ ବିଶେଷ କରି କୋଭିଡ ସମୟରେ ବିଭିନ୍ନ ଅଞ୍ଚଳ ବୁଲି ସଚେତନତା, ରୋଗୀ ସେବା, ଏବଂ ବିଭିନ୍ନ ସାମଗ୍ରୀ ବଣ୍ଟନ କରି ଉଦାହରଣ ସୃଷ୍ଟି କରିଛନ୍ତି। ନୂତନ ସଦସ୍ୟ ଭାବେ ଉମାଶଙ୍କର ସାହୁଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରିୟାନ ସୁରେନ୍ଦ୍ର ପାଢ଼ୀ, ବିଜୟ କୁମାର ପଣ୍ଡା, ଲବ ସାହୁ, ମୁନା ତ୍ରିପାଠୀ, ଦୁର୍ଯ୍ୟୋଧନ ପାତ୍ର, ଲକ୍ଷ୍ମଣ ବିହାରୀ ଶ୍ୟାମଲଙ୍କ ସହ ରୋଟାରିୟାନମାନଙ୍କ ପରିବାର ସାମିଲ ହୋଇଥିଲା। ଶେଷରେ ଦୁର୍ଯ୍ୟୋଧନ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

---

## ସାଧାରଣ ନିର୍ବାଚନ ପ୍ରସ୍ତୁତି; ପୁଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ



**ଜୟପୁର, ୧୪ା୩(ସମିସ):** ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଜିଲ୍ଲା ଜୟପୁରଠାରେ ଆସନ୍ତା ସାଧାରଣ ନିର୍ବାଚନ ପ୍ରସ୍ତୁତି ନିମନ୍ତେ ପୁଲିଂ ଏବଂ ପ୍ରିଜାଇଡିଂ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏଥିରେ ଜୟପୁର ବ୍ଲକରେ କାର୍ଯ୍ୟରତ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆସନ୍ତା ଲୋକସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ପାଇଁ ବିଭିନ୍ନ ଭୋଟଦାନ କେନ୍ଦ୍ରରେ ନିଯୁକ୍ତ ଦିଆଯିବ। ଏହା ପୂର୍ବରୁ ପ୍ରାକ୍ ପ୍ରସ୍ତୁତି ଭାବେ ଗୁରୁବାର ତାଲିମ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟତଃ ଇଭିଏମ୍ ମେସିନ ପରିଚାଳନା ଏବଂ ଚଳିତ ବର୍ଷ ଭିଭି ପାର୍ଟ ମେସିନ ପରିଚାଳନା ସମ୍ବନ୍ଧୀୟ ତାଲିମ ଏବଂ ପୋଷ୍ଟାଲ ବେଲଟ ପ୍ରଭୃତି ପରିଚାଳନା ନେଇ ପ୍ରଶିକ୍ଷଣ କରାଯାଇଥିଲା। ଜୟପୁର ବ୍ଲକରେ ନିର୍ବାଚନ ପାଇଁ ନିଯୁକ୍ତ ୩୦୦ ଜଣ ପୁଲିଂ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଭାବେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ପୌରସଂସ୍ଥା ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ନିର୍ବାଚନ ମଣ୍ଡଳୀସ୍ତରୀୟ ନିର୍ବାଚନ ଅଧିକାରୀ ଭାବେ ବିଇଓ ଚନ୍ଦନ କୁମାର ନାୟକ, ଏବିଡିଓ ମନୋଜ କୁମାର ନାୟକ, ଆଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ଗିରି, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ ଅଶୋକ କୁମାର ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଦେବାଶିଷ ନାୟକ, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସୁନା ଉପସ୍ଥିତ ରହିବା ସହିତ ତାଲିମ ପ୍ରଦାନ କରିଥିଲେ। ଜୟପୁର ସହରର ସରକାରୀ ଉଚ୍ଚ ବିଦ୍ୟାଳୟର ୪ଟି କକ୍ଷରେ, ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ସମୁଦାୟ ୬ଟି କକ୍ଷରେ ୩୦୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କୋରାପୁଟ ଜିଲ୍ଲାପାଳ କୀର୍ତ୍ତି ଭାସନ ଭି ସମସ୍ତ ତାଲିମ କେନ୍ଦ୍ରକୁ ବୁଲିବା ସହିତ ତଦାରଖ କରିଥିଲେ। ଏହି ତାଲିମ ଶିବିର ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଚାଲିବ। ଏଥିରେ ସମୁଦାୟ ୧୧୮୨ ଜଣଙ୍କୁ ତାଲିମ ପ୍ରଦାନ କରାଯିବ। ୨୫୪ଜଣ ପୁଲିଂ ଅଧିକାରୀ, ୧୮୯ ପ୍ରଥମ ପ୍ରିଜାଇଡିଂ, ୧୯୦ ଦ୍ୱିତୀୟ ପ୍ରଜାଇଡିଂ, ୧୩୬ ତୃତୀୟ ପ୍ରିଜାଇଡିଂ, ୧୧୧ ଜଣ ଚତୁର୍ଥ ପ୍ରିଜାଇଡିଂ ଓ ୩୦୨ ଜଣ ପଞ୍ଚମ ପ୍ରିଜାଇଡିଂ ଅଧିକାରୀ ରହିଛନ୍ତି।

---

## 'ମେରା ପହେଲା ଭୋଟ୍ ଦେଶ କେ ଲିୟେ' ସେମିନାର




**କୋରାପୁଟ,୧୪ା୩(ସମିସ):** ଆଗାମୀ ନିର୍ବାଚନରେ ଯୁବଗୋଷ୍ଠୀଙ୍କ ସାର୍ବଜନୀନ ଏବଂ ଜ୍ଞାନପ୍ରଦ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ ହୋଇଥିବା ଅଭିଯାନ 'ମେରା ପେହଲା ଭୋଟ୍ ଦେଶ କେ ଲିୟେ' ଉପରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ଏକ ସେମିନାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ଦେବବ୍ରତ ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିର୍ବାଚନରେ ମୂଲ୍ୟବାନ ଭୋଟ୍ ଦେଇ ଅଧିକ ସକ୍ରୀୟ ଭାବେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଓ ଭାରପ୍ରାପ୍ତ ରେଜିଷ୍ଟ୍ରାର ପ୍ରଫେସର ଏନ୍‌ସି ପଣ୍ଡା କାର୍ଯ୍ୟକ୍ରମର ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ବିଶ୍ୱବିଦ୍ୟାଳୟର ପ୍ରଫେସର ଭରତ କୁମାର ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଛାତ୍ର କଲ୍ୟାଣ ଡିନ୍ (ଡିଏସ୍ ଡବ୍ଲ୍ୟୁ) ଡ.ରାମେନ୍ଦ୍ର କୁମାର ପାଢ଼ୀ, ଏନଏସଏସର ସଂଯୋଜକ ଡ. ଅଞ୍ଜନେୟୁଲୁ ଥୋଟାପଲ୍ଲୀ ଓ ଜନସମ୍ପର୍କ ଅଧିକାରୀ ଡ.ଫଗୁନାଥ ଭୋଇଙ୍କ ସମେତ ଅନ୍ୟ ଅଧ୍ୟାପକମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର ପଣ୍ଡା ଆମ ଦେଶରେ ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ସଫଳ ଗଣତନ୍ତ୍ରର ନୀତି ଓ ଏହାର ବିଭିନ୍ନ ବୈଶିଷ୍ଟ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଧିକ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ସେ ଯୁବ ଭୋଟର ଅର୍ଥାତ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀ ମହାରଣା ଗଣତନ୍ତ୍ରରେ ଭୋଟରଙ୍କ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭାଗ ନେବାରେ ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସମସ୍ତ ନାଗରିକଙ୍କୁ ଆମ ସମ୍ବିଧାନ ସମାନ ଅଧିକାର ପ୍ରଦାନ କରିଛି। ତେଣୁ ଭାରତୀୟ ଗଣତନ୍ତ୍ରକୁ ବିଶ୍ୱର ଏକ ଆଦର୍ଶ ଗଣତନ୍ତ୍ରରେ ପରିଣତ କରିବା ପାଇଁ ଏହି ସାମ୍ବିଧାନିକ ଅଧିକାରର ସଠିକ ଉପଯୋଗ କରିବା ଛାତ୍ରମାନଙ୍କର ଦାୟିତ୍ୱ ବୋଲି ସେ କହିଥିଲେ। ସେ ଭୋଟର ଆପ୍ ଡାଉନଲୋଡ କରିବା ସମେତ ନିର୍ବାଚନ ପ୍ରକ୍ରିୟା ବିଷୟରେ ବର୍ଣ୍ଣନା କରିବା ସହ ସମସ୍ତ ଛାତ୍ରଛାତ୍ରୀ ଯେପରି ନାମ ପଞ୍ଜିକୃତ କରିବେ ତାହା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ପ୍ରଫେସର ପଣ୍ଡାଙ୍କ ଦ୍ୱାରା ଭୋଟର ଶପଥ ଗ୍ରହଣ କରିଥିଲେ। ଏହାବ୍ୟତୀତ ସେମାନେ 'ଭୋଟର ଶକ୍ତି ଏବଂ ଭୋଟରଙ୍କ ଶକ୍ତି', 'ମେରା ପେହଲା ଭୋଟ୍ ଦେଶ କେ ଲିଏ' ଏବଂ 'ଚୁନାବ କା ପର୍ବ' ସମ୍ପର୍କିତ ସ୍ଲୋଗାନ୍ ଥିବା ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଏଥିରେ ଛାତ୍ରଛାତ୍ରୀମାନେ ଆଗାମୀ ନିର୍ବାଚନରେ ଅଧିକ ଅଂଶଗ୍ରହଣକୁ ସମର୍ଥନ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି।

---

## ସରପଞ୍ଚ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା

**ରାୟଗଡ଼ା,୧୪ା୩(ସମିସ):** ରାଜ୍ୟର ପଞ୍ଚାୟତିରାଜ ପ୍ରତିନିଧିମାନଙ୍କର ପାରିତୋଷିକ ଓ ଭତ୍ତାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୃଦ୍ଧି କରିଛନ୍ତି। ଯାହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି ରାୟଗଡ଼ା ଜିଲ୍ଲା ସରପଞ୍ଚ ମହାସଂଘ। ସରପଞ୍ଚମାନେ ପୂର୍ବରୁ ୨୩୫୦ ଟଙ୍କା ପାଉଥିବାରୁ ରାଜ୍ୟ ସରପଞ୍ଚ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପାରିତୋଷିକ ଓ ଦୈନିକ ଭତ୍ତା ବୃଦ୍ଧି ପାଇଁ ଦାବି କରାଯାଇ ଆସୁଥିଲା। ନିକଟରେ ମୁଖ୍ୟମନ୍ତ୍ରୀ ସରପଞ୍ଚମାନଙ୍କ ପାରିତୋଷିକ ବୃଦ୍ଧି ନେଇ ଘୋଷଣା କରିଛନ୍ତି। ଏହି ଘୋଷଣାରେ ସରପଞ୍ଚମାନେ ୧୦ ହଜାର ଟଙ୍କା ପାଇବେ। ଏହା ବ୍ୟତୀତ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କର ପଦରେ ଥିବା ସମୟରେ ବିୟୋଗ ଘଟିଲେ ଅନୁକମ୍ପାମୂଳକ ସହାୟତା ରାଶି ବାବଦରେ ୨ ଲକ୍ଷ ଟଙ୍କା ସହାୟତା ଦିଆଯିବ ଏବଂ ଆଂଶିକ ଅକ୍ଷମତା କ୍ଷେତ୍ରରେ ୧ ଲକ୍ଷ ଟଙ୍କା ସହାୟତା ଦିଆଯିବା ଘୋଷଣା କରାଯାଇଥିବାରୁ ସରପଞ୍ଚମାନଙ୍କ ଦାବି ପୂରଣ ଦିଗରେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ ବିଶେଷ ଦୃଷ୍ଟି ଦେଇଥିବାରୁ ରାୟଗଡ଼ା ଜିଲ୍ଲା ସରପଞ୍ଚ ମହାସଂଘ ପକ୍ଷରୁ କୃତଜ୍ଞତା ସହ ଧନ୍ୟବାଦ ଜଣାଉଛୁ ବୋଲି ଜିଲ୍ଲା ସଭାପତି ତାମାରାଓ ବିଡ଼ିକା ଓ ସମ୍ପାଦକ ଅଶୋକ ପୁଆଲା ପ୍ରକାଶ କରିଛନ୍ତି।

---

## ୧୭ ଦଫା ଦାବି ନେଇ ରାୟଗଡ଼ା ଜିଲ୍ଲା ଡମ ସମାଜର ବିଶାଳ ଗଣଧାରଣା

# ଡମ ଭାଷା, ପରମ୍ପରା, କଳା ଓ ସଂସ୍କୃତିକୁ ସ୍ୱତନ୍ତ୍ର ମାନ୍ୟତା ଦାବି




**ରାୟଗଡ଼ା,୧୪ା୩(ସମିସ):** ରାୟଗଡ଼ା ଓ ତା'ର ପାର୍ଶ୍ୱବର୍ତ୍ତୀ ଜିଲ୍ଲାମାନଙ୍କରେ ବସବାସ କରୁଥିବା ଡମ ତଥା ଡମ୍ବ ସମାଜର ଲୋକମାନଙ୍କ ଶିକ୍ଷା ଓ ସାମାଜିକ ସ୍ଥିତି ତଥା ଆର୍ଥିକ ସମସ୍ୟା ଓ ରାଜନୈତିକ ଅବହେଳା ଏବଂ ଏହାର ସମାଧାନ କରିବା ନିମନ୍ତେ ରାୟଗଡ଼ା ଜିଲ୍ଲା ଡମ ସମାଜ ପକ୍ଷରୁ ୧୭ଦଫା ଦାବି ନେଇ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଶାଳ ଗଣଧାରଣା ଦିଆଯାଇଛି। ଏଥିରେ ସଭାପତି ଧନୀରାମ ନାଏକ, କାର୍ଯ୍ୟକାରୀ ସଭାପତି ଭାଗିରଥୀ ହାଲବା ଏବଂ ସମ୍ପାଦକ ଜନାର୍ଦ୍ଦନ ଗରଡ଼ାଙ୍କ ନେତୃତ୍ୱରେ ଅନୁସୂଚିତ ଜାତି ବର୍ଗର ଶତାଧିକ ଲୋକ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏହି ଧାରଣାରେ ଯୋଗଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ୧୭ ଦଫା ସମ୍ବଳିତ ଦାବିପତ୍ର ଗଣମାଧ୍ୟମକୁ ପ୍ରଦାନ କରିଛନ୍ତି।

ଏହି ଦାବିପତ୍ରରେ ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଅନୁସୂଚିତ ଜାତି ବିଶେଷ କରି ଡମ ସମାଜର ଭାଷା, ପରମ୍ପରା, ପର୍ବପର୍ବାଣୀ,ନାଚ, ଗୀତ, ସଂସ୍କୃତି ଓ କଳାକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ ରହିଥିବାବେଳେ ଜିଲ୍ଲାର କଲ୍ୟାଣ ବିଭାଗ ଅଧୀନସ୍ଥ ଆଶ୍ରମ, ହାଇସ୍କୁଲ, ଯୁକ୍ତ ଦୁଇ ଆବାସିକ ସ୍କୁଲଗୁଡ଼ିକର କ୍ୟାମ୍ପସ ଭିତରେ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ଅତିରିକ୍ତ ୧୦୦ରୁ ୪୦୦ ମଧ୍ୟରେ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଆବାସିକ ହଷ୍ଟେଲର ବ୍ୟବସ୍ଥା କରିବା, ପ୍ରତ୍ୟେକ ବ୍ଲକରେ ୫ଶହ ଶଯ୍ୟା ବିଶିଷ୍ଟ ଦେୟମୁକ୍ତ ଆବାସିକ ହଷ୍ଟେଲ ସହ ଛାତ୍ରଛାତ୍ରୀମାନଙ୍କ ପାଇଁ ଜିଲ୍ଲାସ୍ତରରେ ୧ ହଜାର ଶଯ୍ୟା ବିଶିଷ୍ଟ ଦେୟମୁକ୍ତ ଆବାସିକ ହଷ୍ଟେଲ ନିର୍ମାଣ କରିବା, ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ସରକାରୀ ତଥା ବେସରକାରୀ କଲେଜଗୁଡ଼ିକରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ନିମନ୍ତେ ସିଟ୍ ସଂଖ୍ୟା ବୃଦ୍ଧି କରିବା ଏବଂ ସେହି ଅନୁପାତରେ ଅଧ୍ୟାପକ ଓ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ କରିବା, ଜିଲ୍ଲାର ସମସ୍ତ ସରକାରୀ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ଧନ୍ଦାମୂଳକ ଶିକ୍ଷା ଓ ତାଲିମ ସବୁ ଦେୟମୁକ୍ତ କରିବା ଦାବି ରହିଛି। ସେହିପରି ଜିଲ୍ଲାର ପ୍ରତ୍ୟେକ ହାଇସ୍କୁଲକୁ ଯୁକ୍ତ ଦୁଇକୁ ଉନ୍ନତି କରିବା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ, ବ୍ଲକ୍ ଉପାଧ୍ୟକ୍ଷ, ନାଏବ ସରପଞ୍ଚ ପଦଗୁଡ଼ିକ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରଖିବା, ଜିଲ୍ଲାର ତିନିଟି ବିଧାନସଭା ଆସନକୁ ୬ଟି ବିଧାନସଭାରେ ବୃଦ୍ଧି କରି ବର୍ଦ୍ଧିତ ୩ଟି ଆସନରୁ ଦୁଇଟି ଅନୁସୂଚିତ ଜାତି ଏବଂ ଅନ୍ୟଟି ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ରଖିବା, ଭୂମିହୀନ ଡମ ସମାଜର ଲୋକଙ୍କୁ ଚିହ୍ନଟ କରି ଘରପଟ୍ଟା ପ୍ରଦାନ କରିବା ଆଦି ଦାବି ଉଲ୍ଲେଖ ରହିଛି। ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ମହନା ମହାନନ୍ଦିଆ, ଉପେନ୍ଦ୍ର ନାଏକ, ଅଭିମନ୍ୟୁ କନ୍ଦପାଣି, ରାମ ଗରଡ଼ିଆ, ତେଲି ନାଏକ, ନରେନ୍ଦ୍ର ନାଏକ, ରାମଦାସ ନାଏକ, ବୃନ୍ଦାବନ ନାଏକ, ପିଲିବନ ନାଏକ, ଭୂଷଣ ବିଡ଼ିକା, ବିଶୁ ଖୋସଲା, ଉପେନ୍ଦ୍ର ନାଏକ, ମଙ୍ଗୁଲୁ ନାଏକ, ସୁଶାନ୍ତ ଖୋସଲା, ସଦାନନ୍ଦ ନାଏକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜିଲ୍ଲାରେ ଖରିଫ ଧାନ କ୍ରୟ ଶେଷ

# ବିକ୍ରି କରିଛନ୍ତି ୩୩୪୭୦ ଚାଷୀ; ୩୩୪୫୨ ଜଣଙ୍କୁ ଅର୍ଥ ପ୍ରଦାନ

**ଜୟପୁର,୧୪।୩(ସମିସ):** କୋରାପୁଟ ଜିଲ୍ଲାରେ ଗତ ଖରିଫ ଧାନ କ୍ରୟ ଶେଷ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ନିଯୁକ୍ତ ୩୬ଟି କ୍ରୟକାରୀ ସଂସ୍ଥା ଦ୍ୱାରା କ୍ରୟ ହୋଇଥିବା ଖରିଫ ଧାନ ୩୩ ହଜାର ୪୭୦ ଜଣ ଚାଷୀଙ୍କଠାରୁ କ୍ରୟ ହୋଇଥିବାବେଳେ ୩୩ ହଜାର ୪୫୨ ଜଣ ଚାଷୀଙ୍କୁ ବିକ୍ରି ଧାନ ବାବଦକୁ ଟଙ୍କା ପ୍ରଦାନ କରାଯାଇଛି। କିନ୍ତୁ କୌଣସି କାରଣରୁ କେବଳ ୧୮ ଜଣ ଚାଷୀଙ୍କ ଧାନ ବିକ୍ରି ବାବଦକୁ ଟଙ୍କା ପ୍ରଦାନ ହୋଇପାରିନାହିଁ। ଜିଲ୍ଲାରେ ଚାଷୀଙ୍କ ଦ୍ୱାରା ଅମଳ ହୋଇଥିବା ଗତ ଖରିଫ ଧାନ ସମୁଦାୟ ୩୩ ହଜାର ୪୭୦ ଜଣ ଚାଷୀଙ୍କଠାରୁ ୨୧ ଲକ୍ଷ ୯ହଜାର ୩୭୭ କ୍ୱିଣ୍ଟାଲ ୯୦ କିଲୋଗ୍ରାମ ଧାନ କ୍ରୟ ହୋଇଥିଲା। ସେଥିମଧ୍ୟରୁ ସରକାରଙ୍କ ନିର୍ଦ୍ଧାରିତ କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କା ବାବଦକୁ ଆଜି ସୁଦ୍ଧା ସମୁଦାୟ ୩୩ ହଜାର ୪୫୨ ଚାଷୀଙ୍କଠାରୁ କ୍ରୟ ହୋଇଥିବା ୨୧ ଲକ୍ଷ ୮ ହଜାର ୨୮୬ କ୍ୱିଣ୍ଟାଲ ୭୮ କିଲୋଗ୍ରାମ ଧାନ ବାବଦକୁ ୪୬୦ କୋଟି, ୨୩ ଲକ୍ଷ ୯୦ ହଜାର ୪୦ ଟଙ୍କା ୭୪ ପଇସା ପ୍ରଦାନ କରାଯାଇଛି। କେବଳ ୧୮ ଜଣ ଚାଷୀଙ୍କଠାରୁ ୧୦୯୧.୧୨ କ୍ୱିଣ୍ଟାଲ ଧାନ କ୍ରୟ ହୋଇଥିଲେ ସୁଦ୍ଧା ଏହା ବାବଦକୁ ୨୩ ଲକ୍ଷ ୮୧ ହଜାର ୯୧୪ଟଙ୍କା ୯୬ ପଇସା କୌଣସି କାରଣରୁ ବ୍ୟାଙ୍କ ଜମାଖାତାରେ ପୈଠ ହୋଇନାହିଁ।



ପ୍ରକାଶ ଯେ, କୋରାପୁଟ ଜିଲ୍ଲାର ୧୪ଟି ବ୍ଲକରେ ଖରିଫ ଧାନ ବାବଦକୁ ଗତ ଜାନୁଆରୀ ମାସଠାରୁ ସମୁଦାୟ ୧୩ଟି ସମବାୟ ଲ୍ୟାମ୍ପ୍ସ, ୨୦ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୩ଟି ପାଣି ପଞ୍ଚାୟତ ମାଧ୍ୟମରେ ଚାଷୀ ପଞ୍ଜୀକରଣ ଏବଂ ବିଭିନ୍ନ ମଣ୍ଡିରେ ଅମଳ ଧାନ ଟୋକନ୍ ମାଧ୍ୟମରେ କ୍ରୟ ହୋଇଥିଲା। କୋରାପୁଟ ଜିଲ୍ଲାରେ ଚଳିତ ବର୍ଷ ଚାଷୀଙ୍କ ପଞ୍ଜୀକରଣ ଓ ଧାନ ଅମଳ ରିପୋର୍ଟ ଅନୁଯାୟୀ, ୨୧ ଲକ୍ଷ ୭୦ ହଜାର ଖରିଫ ଧାନ ଆସନ୍ତା ୩୧ ସୁଦ୍ଧା କ୍ରୟ ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପ୍ରାୟ ଲକ୍ଷ୍ୟ ଧାର୍ଯ୍ୟଠାରୁ ୬୧ ହଜାର କ୍ୱିଣ୍ଟାଲ ଧାନ କ୍ରୟ ହୋଇପାରିଛି। ପ୍ରାୟ ସମସ୍ତ ଧାନ ମଣ୍ଡିରେ ଚାଷୀଙ୍କ ଅମଳ ଧାନ କ୍ରୟ ହୋଇଯାଇଛି ଏବଂ ମଣ୍ଡିକୁ ମଧ୍ୟ ବନ୍ଦ କରାଯାଇଛି। ଗତ ମାର୍ଚ୍ଚ ପହିଲାଠାରୁ ଆସନ୍ତା ରବିଧାନ ବିକ୍ରି ନିମନ୍ତେ ଚାଷୀଙ୍କ ପଞ୍ଜୀକରଣ ୩୬ଟି କ୍ରୟକାରୀ ସଂସ୍ଥା ପକ୍ଷରୁ ଆରମ୍ଭ ହୋଇଯାଇଛି।

# ମୋବାଇଲ୍ ଚୋରି ଅଭିଯୋଗରେ ୪ ଗିରଫ



ନବରଙ୍ଗପୁର, ୧୪।୩(ସମିସ): ମୋବାଇଲ ଚୋରି ଘଟଣାରେ ୪ ଜଣଙ୍କୁ ଗିରଫ କରିବା ସହ ୧୨ଟି ମୋବାଇଲ ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଜରାଗୁଡ଼ା ଗ୍ରାମର ଆକାଶ କନ୍ଦପାନ(୨୨), ସୁରଜ ମାଝୀ(୨୦), ଉପେନ୍ଦ୍ର ହରୀଜନ(୧୯) ଓ ତୁଳାରାମ ଜାନୀ(୩୨)। ନବରଙ୍ଗପୁର ଥାନା ଅଧୀନସ୍ଥ ଜାମ୍ବଗୁଡ଼ା ଗ୍ରାମର ବିଭୂଷିତ୍ ଭତ୍ରା, କେଶରୀଗୁଡ଼ା ଗାଁର ଦୁର୍ଯ୍ୟ ଜାନୀ ଓ ନବରଙ୍ଗପୁର ସହରର ପ୍ରଫୁଲ୍ଲ କୁମାର ପାତ୍ରଙ୍କ ମଗବାଇଲ ଚୋରି ହୋଇଥିବା ନେଇ ଜାନୁଆରୀ ୨୪ଠାରୁ ଚଳିତ ମାସ ୭ ତାରିଖ ମଧ୍ୟରେ ଥାନାରେ ଏତଲା ହୋଇଥିଲା। ଏନେଇ ନବରଙ୍ଗପୁର ଥାନାରେ କେସ ନଂ ୫୩, ୮୦ ଓ ୧୧୦ ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଥିଲା। ଥାନା ଅଧିକାରୀ ସମ୍ବିତ କୁମାର ବେହେରାଙ୍କ ନେତୃତ୍ୱରେ ଏସଆଇ ସବିର ଅହମ୍ମଦ ଓ କୁଳଭୂଷଣ ନାୟକ ମାମଲାର ତଦନ୍ତ ଭାର ନେଇଥିଲେ। ପୁଲିସ ତଦନ୍ତ କରି ବିଜରାଗୁଡ଼ା ଗ୍ରାମର ଆକାଶ କନ୍ଦପାନ, ସୁରଜ ମାଝୀ, ଉପେନ୍ଦ୍ର ହରୀଜନ ଓ ତୁଳାରାମ ଜାନୀଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ୧୨ଟି ଚୋରି ମୋବାଇଲ ଉଦ୍ଧାର ହୋଇଥିବା ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା କହିଛନ୍ତି।



## 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ'ରେ ସ୍ଥାନ ପାଇଲେ ବୋରିଗୁମ୍ମାର ୨ ବର୍ଷର ଶିଶୁ ନାଭିସ୍ମା

ବୋରିଗୁମ୍ମା,୧୪।୩(ସମିସ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଗ୍ରାମର ଦୁଇ ବର୍ଷର କୁନି ପ୍ରତିଭା ନାଭିସ୍ମା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ସେ ଯେକୌଣସି ପ୍ରଶ୍ନର ଉତ୍ତର ଥରେ କହିଦେଲେ ତାକୁ ମନେ ରଖିଦିଅନ୍ତି। ଶିଶୁଟିର ଏଭଳି ପ୍ରତିଭାକୁ ବାପା, ମାଆ ଜାଣିବା ପରେ ଶିଶୁଟିକୁ ନୂଆ ନୂଆ ଅନେକ କଠିନ ଶିକ୍ଷା ଅଧ୍ୟୟନ କରାଇବା ନେଇ ପ୍ରୟାସ ଜାରି ରଖିଥିଲେ। ଚଳିତ ବର୍ଷ ଶିଶୁଟିକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପାଇଁ ପଞ୍ଜିକୃତ କରିଥିଲେ। ଏଥିରେ ଶିଶୁଟିକୁ ଏ ଟୁ ଜେଡ୍ ଆଲଫା ବେଟିକାଲ, ୧୨ ମାସର ନାମ, ସାପ୍ତାହିକର ନାମ, ଜଗନ୍ନାଥ ସଂସ୍କୃତି ଉପରେ ୧୫ଟି ପ୍ରଶ୍ନ, ଜାତୀୟ ସାଧାରଣ ଜ୍ଞାନ ଉପରେ ୨୩ଟି ପ୍ରଶ୍ନ, ୱାନ୍ ଟୁ ୨୦ ନମ୍ବର, ୨୨ଟି ଦେହର ଅଙ୍ଗ, ୧୯ଟି ପନିପରିବା, ୯ଟି ଫଳ ଓ ୧୧ଟି ଭାରତର ଜାତୀୟ ପ୍ରତୀକଗୁଡ଼ିକର ନାମ, ଆହୁରି କିଛି ପ୍ରଶ୍ନ ପଚରା ଯାଇଥିଲା। ଶିଶୁଟି ସମସ୍ତ ପ୍ରଶ୍ନର ଉତ୍ତର ସଠିକ୍ ଭାବେ କହିଥିଲେ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ମେଡାଲ ଜିତିବା ସହ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ'ରେ ସ୍ଥାନ ପାଇଛନ୍ତି। ଶିଶୁଟିର ଏଭଳି କୃତିତ୍ୱରେ ବାପା ଶ୍ରୀକାନ୍ତ ପଣ୍ଡା, ମାଆ, ଅଜା ଟୁଟୁ ପାଣିଗ୍ରାହୀ ଖୁସିବ୍ୟକ୍ତ କରିଛନ୍ତି। ତାଙ୍କ ବାପା ଜଣେ ଶିକ୍ଷକ ଥିବାବେଳେ ତାଙ୍କ ଅଜା କୃଷି ବିଭାଗର ଓଭରସିଅର୍ ଏବଂ ଆଇ ଲତା କୁମାରୀ ପାଢ଼ୀ ଜଣେ ସରକାରୀ ଶିକ୍ଷୟିତ୍ରୀ ଥିଲେ। ଶିଶୁ ନାଭିସ୍ମାଙ୍କ କୃତିତ୍ୱରେ ପରିବାର ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି।




## ଶିଳ୍ପ ତାଲିମ ଅନୁଷ୍ଠାନରେ ଅଗ୍ନିଶମ ବାହିନୀର ମକ୍‌ଡ୍ରିଲ୍



**ବିଷମ କଟକ,୧୪।୩(ସମିସ):** ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍ ସ୍ଥିତ ଗଜବାହାଲ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ କେନ୍ଦ୍ରରେ ଅଗ୍ନିଶମ ବାହିନୀର ମକଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ବନ୍ୟା ବାତ୍ୟା ଭଳି ପ୍ରକୃତିକ ବିପର୍ଯ୍ୟୟ ସମୟରେ କେମିତି ସୁରକ୍ଷିତ ରହିବେ ଓ ଅନ୍ୟକୁ ବିପଦ ମୁଖରୁ ଉଦ୍ଧାର କରିବେ ଏବଂ ଆହତ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ମେଡିକାଲ ନେବା ବ୍ୟବସ୍ଥା କରିବେ ତା' ସାଙ୍ଗକୁ ନିଆଁକୁ କେମିତି ଆୟତ କରିବେ ସେ ନେଇ ଛାତ୍ରଛାତ୍ରୀଙ୍କୁ ମକଡ୍ରିଲ ମାଧ୍ୟମରେ ଜ୍ଞାନ କୌଶଳ ଶିଖାଇଥିଲେ ଅଗ୍ନିଶମବାହିନୀ। ତେବେ ଅଜ୍ଞାନତା ବଶତଃ ହେଉ ଅବା କୌଣସି ଅସାବଧାନତା ବଶତଃ ହେଉ ନିଆଁର ପରିଣାମ ଭୟଙ୍କର ହେଇଥାଏ। ତେଣୁ ସାମାନ୍ୟ ସାବଧାନତା ବା ଟିକେ ସଚେତନତାର ଫଳସ୍ୱରୂପ ଅନେକ ଅଗ୍ନିଜନିତ ଦୁର୍ଘଟଣାକୁ ଏଡ଼େଇ ଦିଆଯାଇପାରେ ବୋଲି ଅଗ୍ନିଶମବାହିନୀ ତାଲିମ କେନ୍ଦ୍ରର ଛାତ୍ରଛାତ୍ରୀଙ୍କୁ ବୁଝେଇ ଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ଏକ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ତଥା ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ୍ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ଖେଲାରାମ ହେମ୍ବ୍ରମଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହୋଇଛି। ଏହି ମକଡ୍ରିଲ୍ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଗ୍ନିଶମ ବିଭାଗର ମୁଖ୍ୟ କୈଳାସ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ସହିତ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏକ ନିଆଁ ଲାଗିବା ଭଳି ପରିସ୍ଥିତି ସୃଷ୍ଟି କରିବା ସହ ନିଆଁକୁ ଆୟତ କରିବା ଭଳି ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ତତ୍ ସହିତ ବିଭିନ୍ନ ପ୍ରକାରର ନିଆଁ ଏବଂ ନିଆଁକୁ ଆୟତ କରିବା ପ୍ରକ୍ରିୟାକୁ ସ୍ୱଚ୍ଛତାର ସହ ଅଗ୍ନିଶମ ବିଭାଗର କର୍ମକର୍ତ୍ତା ସଞ୍ଜୀବ କୁମାର ପ୍ରଧାନ ବୁଝାଇଥିଲେ।

## ଜିଲ୍ଲା ଓଷ୍ଟା ସଂଘ ତରଫରୁ ସମ୍ବର୍ଦ୍ଧନା ସଭା




**କୋରାପୁଟ,୧୪।୩(ସମିସ):** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ଓଷ୍ଟା ସଂଘ ତରଫରୁ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ବିଦାୟୀ ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ନାହାକ ୪ ବର୍ଷ ରହଣିକାଳରେ କୋରାପୁଟ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ଉଚ୍ଚ ସ୍ଥାନରେ ପହଞ୍ଚାଇବା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସର୍ବଶ୍ରେଷ୍ଠ ଜିଲ୍ଲା ଶିକ୍ଷାଧିକାରୀ ଭାବେ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିଲେ। କାର୍ଯ୍ୟକ୍ରମରେ ଓଷ୍ଟା ଜିଲ୍ଲା ସଭାପତି ସୁଶାନ୍ତ କୁମାର ଖୁଣ୍ଟିଆ, ଜିଲ୍ଲା ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, ରାଜ୍ୟ ଉପସଭାପତି ବିଜୟ କୁମାର ଭଞ୍ଜ, ଜିଲ୍ଲା ଉପସଭାପତି ସରୋଜ କୁମାର ପାଢ଼ୀ, ଭିକାରି ବିଶ୍ୱାଳ ଓ ମଧୁସୂଦନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଗୋଷ୍ଠୀ ଶିକ୍ଷାଧିକାରୀ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ରହିଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଓମପ୍ରକାଶ ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂଶୁ ଶେଖର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିଂ ଅଧିକାରୀଙ୍କୁ ତାଲିମ ପ୍ରଦାନ



**କୋରାପୁଟ,୧୪।୩(ସମିସ):** ସାଧାରଣ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଜାରି ରହିଥିବାବେଳେ ଗୁରୁବାର ଜିଲ୍ଲାରେ ପୁଲିଂ ଅଧିକାରୀମାନଙ୍କ ପ୍ରଥମ ପର୍ଯ୍ୟାୟ ତାଲିମ ପ୍ରଦାନ କାର୍ଯ୍ୟ ଆରମ୍ଭ କରାଯାଇଛି। ଏଥିରେ ପ୍ରିଜାଇଡିଂ ଅଧିକାରୀମାନଙ୍କ ସହ ସମସ୍ତ ନିର୍ବାଚନ ପୁଲିଂ ଅଧିକାରୀମାନେ ଯୋଗଦେଇଛନ୍ତି। କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୫୦ ଜଣ ତାଲିମ ନେଉଥିବାବେଳେ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହଠାରେ ୫୦ ଏବଂ କୋରାପୁଟ ମ୍ୟୁନିସିପାଲିଟି ଅଡିଟୋରିୟମରେ ୫୦ ଜଣ ନିର୍ବାଚନ ପୁଲିଂ ଅଧିକାରୀ ତାଲିମ ନେଇଥିଲେ। ୧୯ ତାରିଖ ପର୍ଯ୍ୟନ୍ତ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ରହିଥିବା କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର କହିଛନ୍ତି। ଇଭିଏମ୍, ଭିଭିପାଟ୍ କିପରି ସଂଯୋଗ କରିବେ ଏବଂ କଣ୍ଟ୍ରୋଲ ୟୁନିଟର କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବେ ତାଲିମ ଦିଆଯାଇଥିଲା। ଏଥି ସହିତ ମକ୍ ପୁଲିଂ କେତେଟା ଓ କିପରି କରାଯିବ ତାହା ସମସ୍ତ ତାଲିମଦାତାଙ୍କୁ ତାଲିମ ଦିଆଯାଇଥିଲା। ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, କୋରାପୁଟ ବିଡିଓ ଦେବାଶିଷ ଗୌଡ଼, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଓ ଜଗନ୍ନାଥ ଭତ୍ରା, ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଦ୍ୟୁତିକୃଷ୍ଣ ପାତ୍ର ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଚଳିତ ନିର୍ବାଚନରେ କୋରାପୁଟ ଓ ସୁନାବେଡ଼ା ପୌର ପରିଷଦ ମଧ୍ୟରେ ସଖୀ ବୁଥ୍ କରାଯିବ। ଯେଉଁଥିରେ କେବଳ ମହିଳା ନିର୍ବାଚନ ଅଧିକାରୀ ରହିବେ। ସେହିପରି ଏଥର ନିର୍ବାଚନରେ ୟଙ୍ଗ ବୁଥ୍ କରାଯିବ। ଯେଉଁଥିରେ ୟଙ୍ଗ ପୁଲିଂ ଅଧିକାରୀମାନେ ରହିବେ ବୋଲି ବେଣୁଧର ଶବର ସୂଚନା ଦେଇଛନ୍ତି। ଆସନ୍ତା ସାଧାରଣ ନିର୍ବାଚନକୁ ମୁକ୍ତ ଓ ନିରପେକ୍ଷ ଭାବେ ପରିଚାଳନା କରିବାକୁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଚାଲୁଥିବା ଜଣାପଡ଼ିଛି।

## ଆଇନଜୀବୀ ସଂଘ ନିର୍ବାଚନ ଓ ପ୍ରାର୍ଥିପତ୍ର ଯାଞ୍ଚ୍ ଶେଷ

**ନବରଙ୍ଗପୁର, ୧୪।୩(ସମିସ):** ନବରଙ୍ଗପୁର ଆଇନଜୀବୀ ସଂଘ ନିର୍ବାଚନ ପ୍ରକ୍ରିୟାରେ ପ୍ରାର୍ଥିପତ୍ର ଯାଞ୍ଚ କାର୍ଯ୍ୟ ଶେଷ ହୋଇଥିବା ବେଳେ ଯାଞ୍ଚ ପରେ ୮ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ସର୍ବମୋଟ ୯ଟି ପଦ ପାଇଁ ଜଣେ ଲେଖାଏଁ ପ୍ରାର୍ଥିପତ୍ର ଦାଖଲ କରିଥିବାରୁ ପ୍ରାର୍ଥିପତ୍ର ଯାଞ୍ଚ ପରେ ଏକରକମ ପ୍ରାର୍ଥୀମାନଙ୍କ ବିଜୟ ସୁନିଶ୍ଚିତ ହୋଇଛି। ସୂଚନାନୁଯାୟୀ, ୬ ତାରିଖ ଦିନ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ସିଏଚ୍ ବାବା ଯୁଗନ୍ଧର ୨୦୨୪-୨୫ ବର୍ଷ ପାଇଁ ସଭାପତି, ଉପ ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ ଓ ୪ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଏପରି ମୋଟ ୯ଟି ପଦ ପୂରଣ ପାଇଁ ମାର୍ଚ୍ଚ ୩୦ରେ ନିର୍ବାଚନ ତାରିଖ ଘୋଷଣା କରିଥିଲେ। ଏହି କ୍ରମରେ ୧୧ ଓ ୧୨ ତାରିଖ ଦିନମାନଙ୍କରେ ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା। ୯ଟି ପଦ ମଧ୍ୟରୁ ସଭାପତି ପଦରେ ନରସିଂହ ନାଥ ତ୍ରିପାଠୀ, ଉପ ସଭାପତି ପଦରେ ହରିନାରାୟଣ ବେହେରା, ସମ୍ପାଦକ ପଦରେ ତପନ ସିଂ, ଯୁଗ୍ମ ସମ୍ପାଦକ ପଦବୀରେ ସନ୍ଦିପ ମିଶ୍ର କୋଷାଧ୍ୟକ୍ଷ ପଦରେ ଅନୀଲ ଦୀନବନ୍ଧୁ ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ପଦରେ ପ୍ରଶାନ୍ତ ପଟ୍ଟନାୟକ, ସତୀଶ ନାୟକ, ଦୀନେଶ ରାଜ କର୍କରା ଓ ସୀମାଞ୍ଚଳ ପାଢ଼ୀ ଏଭଳି ଗୋଟିଏ ପଦରେ ଜଣେ ଲେଖାଏଁ ନାମାଙ୍କନପତ୍ର ଦାଖଲ କରିଥିଲେ। ୧୪ ତାରିଖ ଦିନ ଏହି ପ୍ରାର୍ଥୀ ପତ୍ରକୁ ଯାଞ୍ଚ କରାଯିବା ପରେ ୮ ଜଣଙ୍କ ନାମାଙ୍କନ ପତ୍ର କାଏମ ରହିଛି। କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀରେ ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀ ସୀମାଞ୍ଚଳ ପାଢ଼ୀ ଓ ତାଙ୍କ ପ୍ରସ୍ତାବକ, ସମର୍ଥକ ଅନୁପସ୍ଥିତ ରହିବାରୁ ତାଙ୍କ ନାମାଙ୍କନ ପତ୍ର ନାକଚ ହୋଇଛି। ୧୬ ତାରିଖ ଦିନ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦିବସ ଧାର୍ଯ୍ୟ ରଖାଯାଇଥିବାବେଳେ ୧୮ ତାରିଖ ଦିନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ସିଏଚ ବାବା ଯୁଗନ୍ଧର ସୂଚନା ପ୍ରଦାନ କରିଛନ୍ତି। ଏହି ନିର୍ବାଚନ ପରିଚାଳନାରେ ସହକାରୀ ନିର୍ବାଚନ ଅଧୀକାରୀ ରୂପେ କେ ଚନ୍ଦ୍ରଶେଖର ରାଓ ଓ ଇମ୍ରନ ସରିଫ ସହଯୋଗ କରୁଛନ୍ତି।

## ଜିଲ୍ଲା କଂଗ୍ରେସ କର୍ମୀ ସମ୍ମିଳନୀ



**ପାପଡ଼ାହାଣ୍ଡି,୧୪।୩(ସମିସ):** ପାପଡ଼ାହାଣ୍ଡି ବ୍ଲକ ସଦର ପଞ୍ଚାୟତ ସ୍ଥିତ ଦଳେଇଗୁଡ଼ା ଧର୍ମଶାଳାଠାରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାପତି ତଥା ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝିଙ୍କ ସଭାପତିତ୍ୱରେ ଜିଲ୍ଲା କଂଗ୍ରେସ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏଆଇସିସି ସମ୍ପାଦକ ସହନବାଜ ହୁସେନ ଏବଂ ଏଆଇସିସି ସାଧାରଣ ସମ୍ପାଦକ ମୁଦସା ଚୌଧୁରୀ ଯୋଗଦେଇଥିଲେ। ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନ୍ନା ତ୍ରିପାଠୀ, ପୂର୍ବତନ କୋଡ଼ିଙ୍ଗା ବିଧାୟକ ସଦନ ନାୟକ, ଜିଲ୍ଲା କଂଗ୍ରେସ ଯୁବ ସଭାନେତ୍ରୀ ଡ. ଲିପିକା ମାଝୀ, ଏଆଇସିସି ସଭ୍ୟା ମିନାକ୍ଷୀ ତ୍ରିପାଠୀ, ଏଆଇସିସି ସଭ୍ୟ ମୁନା ପାଢ଼ୀ, ଜିଲ୍ଲାର ବରିଷ୍ଠ କଂଗ୍ରେସ କର୍ମୀ, ନବରଙ୍ଗପୁର ଜିଲ୍ଲା ୧୦ଟି ବ୍ଲକର ସଭାପତି, ସମ୍ପାଦକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶ୍ରୀ ମାଝୀ ଉପସ୍ଥିତ କର୍ମୀଙ୍କୁ ଧନ୍ୟବାଦ ଦେଇଥିଲେ।

## ଆଜିଠୁ ଜିଲ୍ଲାବାସୀଙ୍କ ଆରାମଦାୟକ ଶ୍ରୀକ୍ଷେତ୍ର ଯାତ୍ରା ଆରମ୍ଭ

# ପୁରୀକୁ ଗଡ଼ିଲା ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଭୋଲ୍‌ଭୋ ସ୍ଲିପର୍ ବସ୍



**ନବରଙ୍ଗପୁର, ୧୪।୩ (ସମିସ):** ନବରଙ୍ଗପୁର ଜିଲ୍ଲାବାସୀ ତଥା ଜିଲ୍ଲାର ଜଗନ୍ନାଥ ପ୍ରେମୀଙ୍କ ପାଇଁ ଗୁରୁବାରଠାରୁ ଆରମ୍ଭ ହୋଇଛି ଶ୍ରୀକ୍ଷେତ୍ର ପୁରୀକୁ ଆରାମ ଦାୟକ ସ୍ଲିପର୍ ଯାତ୍ରା। ଯାତ୍ରୀ ପରିବହନ କ୍ଷେତ୍ରରେ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରୁଥିବାବେଳେ ନବରଙ୍ଗପୁର ଜିଲ୍ଲା ସଦର ମହକୁମାରୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଭୋଲଭୋ ସ୍ଲିପର ବସ୍ ପୁରୀକୁ ଗଡ଼ିଛି। କିଛିଦିନ ପୂର୍ବେ ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାରୁ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ମାଧ୍ୟମରେ ପରିବହନ ବ୍ୟବସ୍ଥା ଆରମ୍ଭ କରିଥିଲେ। ଗୁରୁବାରଠାରୁ ନବରଙ୍ଗପୁର ଜିଲ୍ଲାରୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ସ୍ଲିପର ବସ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି ବୋଲି ଓଏସ୍ଆରଟିସି ନବରଙ୍ଗପୁର ଜିଲ୍ଲା ମେନେଜର ସନ୍ତୋଷ କୁମାର ନାୟକ ସୂଚନା ଦେଇଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ସମସ୍ତେ ଇଚ୍ଛା ରଖୁଥାନ୍ତି। ତେଣୁ ସେମାନେ ଯେପରି ଆରାମଦାୟକ ଭାବେ ପୁରୀକୁ ଯାତାୟାତ କରିପାରିବେ ବୋଲି ଗୁରୁତ୍ୱ ଦେଇ ରାଜ୍ୟ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସ୍ଲିପର ବସ୍ ସେବାକୁ ସ୍ୱାଗତ କରିଛନ୍ତି ବହୁ ଯାତ୍ରୀ। ଏହି ବସ୍ ସେବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାଁର ପ୍ରଚାର କରିବା ସହ ଲୋକଙ୍କ ଭିତରେ ଏକ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିବାରେ ସହାୟକ ହେବ ବୋଲି ଶ୍ରୀ ନାୟକ କହିଛନ୍ତି। ଏହି ବସ୍ ପ୍ରତିଦିନ ନବରଙ୍ଗପୁର ଠାରୁ ସନ୍ଧ୍ୟା ୭ଟାରେ ବାହାରି ପରଦିନ ସକାଳ ୭ଟା ୧୦ରେ ପୁରୀରେ ପହଞ୍ଚିବ। ଉକ୍ତ ଦିନ ପୁରୀରୁ ସନ୍ଧ୍ୟା ୬ଟା ୩୦ରୁ ବାହାରି ନବରଙ୍ଗପୁରରେ ପରଦିନ ସକାଳ ୬ଟା ୪୫ ସମୟରେ ପହଞ୍ଚିବ। ଏହି ବସ୍ ନବରଙ୍ଗପୁରରୁ ବାହାରି ଭବାନୀପାଟଣା, ବଲାଙ୍ଗୀର, ସୋନପୁର, ବୌଦ୍ଧ, ନୟାଗଡ଼ ଓ ଭୁବନେଶ୍ୱର ଦେଇ ପୁରୀରେ ପହଞ୍ଚିବ ବୋଲି ନବରଙ୍ଗପୁର ଜିଲ୍ଲା ଓଏସ୍ଆରଟିସି ମ୍ୟାନେଜର ଶ୍ରୀ ନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସହାୟକ ଜିଲ୍ଲାପାଳ ଆଶୁତୋଷ ପାତ୍ର, ଓଏସ୍ଆରଟିସି ସହାୟକ ମ୍ୟାନେଜର ରାଜକୁମାର ମିଶ୍ରଙ୍କ ସମେତ ଓଏସ୍ଆରଟିସିର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ନାବାଳିକା ଗର୍ଭବତୀ ନେଇ ଥାନାରେ ଅଭିଯୋଗ; ଯୁବକ ଅଟକ

**ବୋରିଗୁମ୍ମା,୧୪।୩(ସମିସ):** ବୋରିଗୁମ୍ମା ଥାନା ଅଞ୍ଚଳରେ ଜଣେ ନାବାଳିକା ୫ ମାସର ଗର୍ଭବତୀ ହୋଇଥିବା ନେଇ ନାବାଳିକାଙ୍କ ପରିବାର ଲୋକେ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବୋରିଗୁମ୍ମା ପୁଲିସ ଏକ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ପୁଲିସ ପକ୍ଷରୁ ଏନେଇ ଏକ ମାମଲା(୬୬/୨୦୨୪) ରୁଜୁ ହୋଇଥିବାବେଳେ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବୋରିଗୁମ୍ମା ଥାନା ଅଧିକାରୀ ଯୁଗୋଳ କିଶୋର ସା କହିଛନ୍ତି। ସେପଟେ ନାବାଳିକାଙ୍କ ପରିବାର ପକ୍ଷରୁ ସେହି ଗ୍ରାମର ଜଣେ ଯୁବକଙ୍କ ବିରୋଧରେ ଅଭିଯୋଗ ଦେବା ପରେ ଯୁବକଙ୍କ ସମ୍ପର୍କୀୟମାନେ ଧମକଚମକ ଦେଉଥିବା କାରଣରୁ ଭୟଭୀତ ହୋଇ ସପରିବାର ଗାଁ ଛାଡ଼ି ବୋରିଗୁମ୍ମାରେ ରହୁଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଜଡ଼ିତ ଥିବା ଯୁବକଙ୍କୁ ପୁଲିସ ଅଟକ ରଖିଥିବାବେଳେ ତାଙ୍କ ସମ୍ପର୍କୀୟମାନେ ଏହି ଘଟଣାରେ ଜଡ଼ିତ ନ ଥିବା ଦାବି କରି ଦିନ ତମାମ ଥାନା ଆଗରେ ଜଗି ପୁଲିସକୁ ଯୁବକଙ୍କୁ ଛାଡ଼ିବା ପାଇଁ ଦାବି କରିଥିବା ଜଣାପଡ଼ିଛି। ତେବେ ଏହି ଘଟଣାରେ ନାବାଳିକା ଜଣକ ୫ ମାସର ଗର୍ଭବତୀ ଥିବା ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟରେ ଦର୍ଶାଯାଇଛି।






## ଜୁଆ ଆଡ୍ଡାରେ ଚଢ଼ଉ, ୭ ଗିରଫ



**କୋଷାଗୁମୁଡ଼ା, ୧୪।୩(ସମିସ):** ବୁଧବାର ସନ୍ଧ୍ୟାରେ କୋଷାଗୁମୁଡ଼ା ପୁଲିସ ଜୁଆଆଡ୍ଡା ଉପରେ ଅତର୍କିତ ଚଢ଼ଉ କରି ୩ଟା ସ୍ମାର୍ଟ ଫୋନ, ୨ଟା କିପେଡ ଫୋନ, ଗୋଟିଏ ସୋଲାର ଲାଇଟ, ୧୧ଟା ବାଇକ୍ ସହ ନଗଦ ୪୦ ହଜାର ଟଙ୍କା ସମେତ ୭ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, କୋଷାଗୁମୁଡ଼ା ଥାନା ଅନ୍ତର୍ଗତ ଘୋଡ଼ାଧନୁଆ ନିକଟ ସର୍ଗିଗୁଡ଼ା ଗାଁଠାରେ ଚାଲିଥିବା ବଡ଼ ଜୁଆଖେଳ ଉପରେ ବହୁଦିନରୁ କୋଷାଗୁମୁଡ଼ା ପୁଲିସର ନଜର ଥିଲା। ପାପଡ଼ାହାଣ୍ଡି ଏସ୍‌ଡିପିଓ ମିନାକ୍ଷୀ ଠାକୁରଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ସୁଧାଂଶୁ ବାରିକ, ଏଏସ୍‌ଆଇ ରାମଚନ୍ଦ୍ର ଖଣ୍ଡଗିରିଙ୍କ ସହ କନଷ୍ଟେବଲ ଓ ହୋମଗାର୍ଡଙ୍କୁ ନେଇ ଗଠିତ ଟିମ୍ ମିଳିତ ଭାବେ ଅତର୍କିତ ଚଢ଼ଉ କରି ୭ ଜଣ ଜୁଆଡ଼ିଙ୍କୁ କାବୁ କରିଥିଲେ। ଚଢ଼ଉ ବେଳେ ୨୦ରୁ ଊର୍ଦ୍ଧ୍ୱ ଜୁଆଡ଼ି ଅନ୍ଧାରର ସୁଯୋଗରେ ଖସିପଳାଇଥିଲେ। ଦିନକୁ ଦିନ କୋଷାଗୁମୁଡ଼ା, କୋଡ଼ିଙ୍ଗା ଥାନା ଅଞ୍ଚଳରେ ଜୁଆଖେଳ, ଖୁଢୁଖୁଡ଼ି ଖେଳ, ଗଞ୍ଜା କୁକୁଡ଼ା ଲଢ଼େଇ ଓ ନିଶାଦ୍ରବ୍ୟ ଭଳି ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖିବା ସହ ସମ୍ପୂର୍ଣ୍ଣ ଭାବେ ଏହାକୁ ବନ୍ଦ କରିବାକୁ ନେଇ ପୁଲିସ ପକ୍ଷରୁ ଏଭଳି ଘଟଣା ଉପରେ ଅନୁସନ୍ଧାନ ଜାରି ରହିଛି ବୋଲି ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି। ଏନେଇ କୋଷାଗୁମୁଡ଼ା ଥାନାରେ ଏକ ମାମଲା(୬୪/୨୪) ରୁଜୁ କରାଯାଇଛି ବୋଲି ଏସ୍‌ଆଇ ସୁଧାଂଶୁ ବାରିକ କହିଛନ୍ତି।

## ଉମରକୋଟ'ର ସମସ୍ତ ସମିତିସଭ୍ୟଙ୍କ ଭୁବନେଶ୍ୱର ଗସ୍ତ



**ଉମରକୋଟ, ୧୪।୩(ସମିସ):** ୪ ଦଫା ଦାବିରେ ରାଜ୍ୟ ସମିତିସଭ୍ୟ ସଂଘର ଡକରା ଯୋଗୁଁ ଗୁରୁବାର ଉମରକୋଟ ବ୍ଲକର ସମସ୍ତ ସମିତିସଭ୍ୟ ଭୁବନେଶ୍ୱର ଗସ୍ତ କରିଛନ୍ତି। ସମିତିମାନଙ୍କର ୪ଟି ଦାବି ବର୍ତ୍ତମାନ ସୁଦ୍ଧା ପୂରଣ ହୋଇନାହିଁ। ଦାବିଗୁଡ଼ିକ ମଧ୍ୟରେ ଭତ୍ତା ବୃଦ୍ଧି ଆଳରେ ସରପଞ୍ଚଙ୍କଠାରୁ ସମିତିସଭ୍ୟ/ସଭ୍ୟାଙ୍କୁ ପଛରେ ରଖାଯାଇ ଅସମ୍ମାନ କରାଯାଇଥିବା ସମିତିସଭ୍ୟ/ସଭ୍ୟାଙ୍କ ସମ୍ମାନ ଫେରାଯିବା, ପୂର୍ବର ଭତ୍ତା ୨୩:୫୦ ଅନୁପାତକୁ ବର୍ଦ୍ଧିତ ଭତ୍ତା ପାଇଁ ଅନୁସରଣ କରାଯିବା, ଉପାଧ୍ୟକ୍ଷ ଉପାଧ୍ୟକ୍ଷାଙ୍କ ଭତ୍ତା ସରପଞ୍ଚଙ୍କ ଭତ୍ତାଠାରୁ ଅଧିକ କରାଯାଇ ସେମାନଙ୍କ ସମ୍ମାନ ଫେରାଯିବା, ସମିତିସଭ୍ୟ/ସଭ୍ୟାଙ୍କର ପଞ୍ଚାୟତ ଓ ପଞ୍ଚାୟତ ସମିତିକୁ ଆସୁଥିବା ଅନୁଦାନ କାର୍ଯ୍ୟରେ ସ୍ୱାକ୍ଷର ରଖାଯିବା, ସମିତିସଭ୍ୟ/ସଭ୍ୟାଙ୍କୁ ପେନସନ ୧୦ ହଜାର ପ୍ରଦାନ କରାଯିବା, ସମିତିସଭ୍ୟ ହାତପାଣ୍ଠି ସୃଷ୍ଟି କରି ବାର୍ଷିକ ୨୦ ଲକ୍ଷ ରଖାଯିବା, ସମିତିସଭ୍ୟଙ୍କ ନିମନ୍ତେ ପଞ୍ଚାୟତରେ ଏକ ଚାମ୍ବର ଦିଆଯିବା ପ୍ରମୁଖ ଦାବି ରହିଛି। ଉମରକୋଟ ବ୍ଲକ୍ ସମିତି ସଂଘ ସଭାପତି ବିକ୍ରମ ସିଂଙ୍କ ନେତୃତ୍ୱରେ ସମସ୍ତ ସମିତିସଭ୍ୟ ଭୁବନେଶ୍ୱର ଗସ୍ତ କରିଛନ୍ତି। ରାଜ୍ୟର ସମସ୍ତ ସମିତିସଭ୍ୟ ଭୁବନେଶ୍ୱରଠାରେ ପହଞ୍ଚିବା ପରେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ କରିବା ସହ ଏକ ଦାବିପତ୍ର ପ୍ରଦାନ କରିବେ ବୋଲି ସଭାପତି ବିକ୍ରମ ସିଂ ସୂଚନା ଦେଇଛନ୍ତି।

### ଶଙ୍ଖେଇ ଗ୍ରାମରେ ଜଳ କଷ୍ଟ

# ଚୁଆ ପାଣି ଭରସାରେ ୧୩୦ ପରିବାର

**ଲମତାପୁଟ,୧୪।୩ (ସମିସ)**





ଖରାଦିନ ଆରମ୍ଭ ହୋଇଥିବାବେଳେ ଲମତାପୁଟ ବ୍ଲକ୍ ସଦରମହକୁମାଠାରୁ ମାତ୍ର ଦୁଇ କିମି ଦୂରରେ ଥିବା ଶଙ୍ଖେଇ ଗ୍ରାମରେ ଜଳ କଷ୍ଟ ଦେଖାଦେଇଛି। ପାନୀୟ ଜଳ ପାଇଁ ଗ୍ରାମର ୧୩୦ ପରିବାର ଅଧ କିଲୋମିଟର ଦୂରରେ ଥିବା ଚୁଆ ପାଣି ଉପରେ ଭରସା କରୁଛନ୍ତି। ଗ୍ରାମବାସୀ ଚୁଆ ପାଣି ପିଇ ନିଜର ଶୋଷ ମେଣ୍ଟାଉଛନ୍ତି।

ସୂଚନା ପ୍ରକାରେ, କୋଲାବ ଜଳଭଣ୍ଡାର କୂଳରେ ଶଙ୍ଖେଇ ଗ୍ରାମ ଅବସ୍ଥିତ। ୧୩୦ ପରିବାର ଏଠାରେ ବସବାସ କରୁଛନ୍ତି। ପାନୀୟ ଜଳ ପାଇଁ ରହିଛି ୯ଟି ନଳକୂଅ ଓ ଗୋଟିଏ ସୋଲାର ପମ୍ପ। ସୋଲାର ପମ୍ପ ଅଚଳ ହୋଇ ପଡ଼ିଥିବାବେଳେ କିଛି ନଳକୂଅରୁ ଗୋଟିଏ କିମ୍ବା ଦୁଇ ହାଣ୍ଡି ପାଣି ବାହାରିବା ପରେ ଆଉ ପାଣି ବାହାରୁ ନ ଥିବାବେଳେ ଅନ୍ୟ ନଳକୂଅଗୁଡ଼ିକ ଅଚଳ ଅବସ୍ଥାରେ ପଡ଼ି ରହିଛି। ଗାଁରୁ ଅଧ କିଲୋମିଟର ଦୂରରେ ରହିଛି କୂଅ ଓ ଚୁଆ। ଉଭୟ ଦୂଷିତ ଅବସ୍ଥାରେ ରହିଛି। ତଥାପି ଗ୍ରାମବାସୀ ଅନ୍ୟ ଉପାୟ ନ ପାଇ ତାହାର ପାଣିକୁ ପାନୀୟ ଭାବେ ବ୍ୟବହାର କରି ଶୋଷ ମେଣ୍ଟାଇବାକୁ ବାଧ୍ୟ ହେଉଛନ୍ତି। କୋଲାବ ଜଳ ଭଣ୍ଡାର କୂଳରେ ଗ୍ରାମ ଥିବା ସତ୍ତ୍ୱେ ପାଣି ପାଇଁ ଗ୍ରାମବାସୀ ସଙ୍ଘର୍ଷ କରୁଛନ୍ତି। ଗ୍ରାମରେ କୌଣସି ବିବାହ କାର୍ଯ୍ୟ ହେଲେ ପାଣି ପାଇଁ ସମସ୍ତ ମହିଳା ଏକଜୁଟ ହୋଇ ଅଧ କିଲୋମିଟର ଦୂରକୁ ଯାଇ ଚୁଆ ପାଣି ଏବଂ ଚୁଆ ନିକଟରେ ଥିବା କୂଅ ପାଣି ଆଣି ଭୋଜିଭାତର ଆୟୋଜନ କରୁଛନ୍ତି। ଦୂଷିତ ଜଳ ବ୍ୟବହାର ଯୋଗୁଁ ଗ୍ରାମବାସୀ ଅନେକ ସମୟରେ ରୋଗରେ ପଡୁଥିବା ମଧ୍ୟ ନଜରକୁ ଆସିଛି। ବ୍ଲକ୍ ପ୍ରଶାସନ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ବାରମ୍ବାର ଏନେଇ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି। 'ବସୁଧା' ଯୋଜନାରେ ଗ୍ରାମକୁ ସାମିଲ କରି ପାଣି ଯୋଗାଇବା ପାଇଁ ଲିଖିତ ଭାବେ ଜଣାଇଥିବା ସତ୍ତ୍ୱେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ବାଧ୍ୟ ହୋଇ ଚୁଆ ପାଣି ଉପରେ ୧୩୦ ପରିବାର ନିର୍ଭର କରୁଥିବା କହିଛନ୍ତି। ଏନେଇ ବିଡିଓ ଜୟନ୍ତ ମେହେରଙ୍କୁ ପଚାରିବାରେ, ଯନ୍ତ୍ରୀଙ୍କୁ କହିବା ସହ ପାଟ୍ରୋଲିଂ ଟିମ ଗ୍ରାମକୁ ଯାଇ ନଳକୂଅଗୁଡ଼ିକର ମରାମତି କରିବା ସହ ବାହାରୁ ଟେକ୍ନିସିଆନ ଆଣି ଖୁବଶୀଘ୍ର ସୋଲାର ପମ୍ପର ମରାମତି କରାଯିବ ବୋଲି କହିଛନ୍ତି।

## ଡୁମୁରିପୁଟ ପାର୍କିଂରେ ଡିଜେଲ୍ ଚୋରଙ୍କ ଆତଙ୍କ

**କୋରାପୁଟ,୧୪।୩(ସମିସ):** କୋରାପୁଟ-ସୁନାବେଡ଼ା ୨୬ ନଂ ଜାତୀୟ ରାଜପଥର ଡୁମୁରିପୁଟ ପାର୍କିଂ ସ୍ଥାନରେ ରାତିରେ ରହୁଥିବା ଟ୍ରକଗୁଡ଼ିକରୁ ଦୁର୍ବୃତ୍ତମାନେ ଡିଜେଲ ଚୋରି କରୁଥିବା ଅଭିଯୋଗ ହୋଇଛି। ଆନ୍ଧ୍ର ଛତିଶଗଡ଼କୁ ସଂଯୋଗ କରୁଥିବା ୨୬ନଂ ଜାତୀୟ ରାଜପଥରେ ପ୍ରତିଦିନ ଶହଶହ ଟ୍ରକ ଟ୍ରଲର ଯାତାୟତ କରିଥାଏ। ତେଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଡୁମୁରିପୁଟରେ

**● ଆଲୋକ ବ୍ୟବସ୍ଥା ସହ ପୁଲିସ ମୁତୟନ ଦାବି**



ଥିବା ନିଜସ୍ୱ ଜମିରେ ପଥପ୍ରାନ୍ତ ବିଶ୍ରାମ ଗୃହ ସହ ବିଶାଳ ପାର୍କିଂ ସ୍ଥାନ ନିର୍ମାଣ କରିଛନ୍ତି। ଦୂରଗାମୀ ମାଲବାହୀ ଗାଡ଼ି ଚାଳକ ରାତିରେ ଏଠାରେ କିଛି ସମୟ ବିଶ୍ରାମ ନେଇ ନିତ୍ୟକର୍ମ ଶେଷ କରି ପୁଣି ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିବା ଉଦ୍ଦେଶ୍ୟରେ ଏହା ସ୍ଥାପନା କରାଯାଇଛି। ହେଲେ ପାର୍କିଂ ଅଞ୍ଚଳରେ ଆଲୋକ ବ୍ୟବସ୍ଥା ନ ଥିବା ଓ କିଛି ବର୍ଷ ପୂର୍ବରୁ ସ୍ଥାପିତ ପୁଲିସ ବିଟ୍ କ୍ୟାବିନରେ ପୁଲିସ କିମ୍ବା ଅନ୍ୟ କର୍ମଚାରୀ ରହୁ ନ ଥିବାରୁ ଅନ୍ଧାରର ସୁଯୋଗ ନେଇ ଦୁର୍ବୃତ୍ତମାନେ ରାତିରେ ଅଟକୁ ଥିବା ଟ୍ରକଗୁଡ଼ିକରୁ ଡିଜେଲ ଚୋରି କରି ନେଉଥିବା ଅଭିଯୋଗ ହୋଇଛି। କ୍ଲାନ୍ତ ହୋଇ ଚାଳକ ଓ ଖଲାସୀ ଶୋଇଥିବାବେଳେ ଚୋରଦଳ ଗାଡ଼ିର ଟାଙ୍କି ତାଲା ଭାଙ୍ଗି ତେଲ ନେଇ ଯାଉଥିବା ଅଭିଯୋଗ ହୋଇଛି। ଗତ ତିନିଦିନ ମଧ୍ୟରେ ୩ଟି ଟ୍ରକରୁ ପ୍ରାୟ ୮୦୦ ଲିଟର ଡିଜେଲ୍ ଚୋରି ହୋଇଥିବା ଜଣାପଡ଼ିଛି। ଟ୍ରକଗୁଡ଼ିକ ଅନ୍ୟ ରାଜ୍ୟର ହୋଇଥିବାରୁ ଚାଳକମାନେ ପୁଲିସ ନିକଟରେ ଅଭିଯୋଗ କରୁନଥିବା କହିଛନ୍ତି। ଅନ୍ୟପକ୍ଷରେ ପାର୍କିଂ ସ୍ଥାନ ନିକଟରେ ଜିଲ୍ଲା ପ୍ରଶାସନ ଦ୍ୱାରା ଏକ ମିଶନ ଶକ୍ତି କାଫେ ସ୍ଥାପନା କରାଯାଇଥିବାବେଳେ ସ୍ଥାନୀୟ ପ୍ରଶାନ୍ତି ଏସ୍‌ଏଚଜି ନାମକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଉକ୍ତ କାଫେ ପ୍ରଦାନ କରାଯାଇ ମା'ମାନଙ୍କୁ ସ୍ୱାବଲମ୍ବୀ କରିବାକୁ ପ୍ରୟାସ କରାଯାଇଛି। ଏହା ବ୍ୟତୀତ ପାର୍କିଂ ସମ୍ମୁଖରେ ଏକ ଘରୋଇ ମାର୍କେଟ କମ୍ପ୍ଲେକ୍ସ ଥିବାବେଳେ ଅନେକ ଶିକ୍ଷିତ ଯୁବକ ସେଠାରେ ବ୍ୟବସାୟ କରି ରୋଜଗାରକ୍ଷମ ହୋଇଛନ୍ତି। ତେବେ ପାର୍କିଂ ସ୍ଥାନରେ ଲାଇଟ୍ ବ୍ୟବସ୍ଥା ନଥିବା ଓ ରାତିରେ ଗାଡ଼ିରଖିବା ସୁରକ୍ଷିତ ନୁହେଁ ଭାବି ଅନେକ ଚାଳକ ସେଠାରେ ରହିବାକୁ ଉଚିତ ମଣୁ ନାହାଁନ୍ତି। ଫଳରେ ମିଶନ ଶକ୍ତି କାଫେ ସହ ନିକଟରେ ବ୍ୟବସାୟ କରୁଥିବା ଯୁବକମାନେ ପ୍ରଭାବିତ ହେଉଥିବା ପ୍ରଶାନ୍ତି ଏସଏଚଜିର ସଭାନେତ୍ରୀ ଜ୍ୟୋତିରେଖା ଚେଟ୍ଟୀ ପ୍ରକାଶ କରିଛନ୍ତି। ରାତିରେ ପାଟ୍ରୋଲିଂ ପାଇଁ ଜିଲ୍ଲା ପୁଲିସ୍ ଏକ କ୍ୟାବିନ ପକାଇ ଅସ୍ଥାୟୀ ବିଟ୍ ପ୍ରତିଷ୍ଠା କରିଛି। କିନ୍ତୁ ଦୀର୍ଘ ଦିନରୁ ଉକ୍ତ ବିଟ୍ ହାଉସ୍ କାମ କରୁନଥିବାରୁ ଚୋରଙ୍କୁ ତାହା ସୁହାଉଛି। ତେଣୁ ଡୁମୁରିପୁଟ ପାର୍କିଂ ସ୍ଥାନରେ ଜାତୀୟ ରାଜପଥ ବିଭାଗ ତରଫରୁ ସୋଲାର୍ ଲାଇଟ୍ ବ୍ୟବସ୍ଥା ସହ ବିଟ୍ ହାଉସ୍ କାର୍ଯ୍ୟକ୍ଷମ କରାଯିବାକୁ ଦାବି ହେଉଛି। ଅନ୍ୟପକ୍ଷରେ ଡିଜେଲ୍ ଚୋରି ଘଟଣାରେ ନିକଟସ୍ଥ ଗ୍ରାମ ଗୁଡ଼ିକର କିଛି ଯୁବକ ସମ୍ପୃକ୍ତ ଥିବାବେଳେ ସେମାନେ କେତେକ ଘରୋଇ ବସ୍ ଓ ଟ୍ରାକ୍ଟର,ଟ୍ରକ୍ ମାଲିକଙ୍କୁ କମ୍ ଦରରେ ବିକ୍ରି କରୁଥିବା ଆଲୋଚନା ହେଉଛି। ତେଣୁ ପୁଲିସ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ଏପ୍ରିଲ ୧୫ରୁ ଉମରକୋଟ ଠାକୁରାଣୀ ଯାତ୍ରା

**ଉମରକୋଟ,୧୪।୩(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ପ୍ରସିଦ୍ଧ ମା' ଠାକୁରାଣୀ ଯାତ୍ରା ଲାଗି ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉମରକୋଟ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହିଥିଲେ। ପ୍ରଥମେ ମନୋଜ କୁମାର ନାୟକ ଗତବର୍ଷ ଠାକୁରାଣୀ ଯାତ୍ରାର ଆୟ ବ୍ୟୟ ବିବରଣୀ ପାଠ କରିଥିଲେ। ବୈଠକରେ ଠାକୁରାଣୀ ଯାତ୍ରା କମିଟିର ସଦସ୍ୟଙ୍କୁ ଚୟନ କରାଯାଇଛି। ୧୧ ନଂ ୱାର୍ଡର କାଉନସିଲର ସାଇନାରାୟଣ ପାଢ଼ୀ(ମୁନା ପାଢ଼ୀ) ସଭାପତି, ଆଶିଷ ରାଓ ଉପସଭାପତି, ସତ୍ୟନାରାୟଣ ମିଶ୍ର ସମ୍ପାଦକ, ଗୋବିନ୍ଦ ମାଝୀ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। କଳସ ଯାତ୍ରା ଆସନ୍ତା ଏପ୍ରିଲ ୧୫ ତାରିଖରୁ ଆରମ୍ଭ ହୋଇ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। କଳସ ଯାତ୍ରା ଯେପରି ଶାନ୍ତିଶୃଙ୍ଖଳାର ସହ ମହାଆଡ଼ମ୍ବରରେ ପାଳିତ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଠାକୁରାଣୀ ଯାତ୍ରା ବୈଠକରେ ପୌର ପରିଷଦର ଉପାଧ୍ୟକ୍ଷ ସୁଧାଂଶୁ ଦାସ, ପୂଜକ ଭୁବନ ପୂଜାରୀ, ରଜତ ସାନ୍ତ୍ରା, ବାରପାଲି ଗାଁର ରଇତ, ଶିରା ପୂଜାରୀଙ୍କ ସହ ପୁରୁଣା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ବିଦେଶୀ ମଦ ଚୋରାଚାଲାଣରେ ଯୁବକ କୋର୍ଟ ଚାଲାଣ

**ବାଲିମେଳା,୧୪।୩(ସମିସ):** ବିଦେଶୀ ମଦ ଚୋରା ଚାଲାଣ ବେଳେ ମାଡ଼ି ବସିଲା ଓର୍କେଲ ପୁଲିସ। ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅନ୍ତର୍ଗତ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତାର ଚିତ୍ରକୋଣ୍ଡା ଛକ ନିକଟରେ ସକାଳେ ପୁଲିସର ଚେକିଂ ବେଳେ ବାଲିମେଳାର ସନ୍ତୋଷ ରାମ ନାମକ ବ୍ୟକ୍ତି ବାଇକ ଯୋଗେ କିଛି ପେଟି ବୋହି ନେଉଥିଲେ। ଏହା ଦେଖି ପୁଲିସ ସନ୍ଦେହରେ ଅଟକାଇ ଯାଞ୍ଚବେଳେ ବିଦେଶୀ ମଦ ଥିବା ଜଣାପଡ଼ିଥିଲା। ପରେ ମଦ ଓ ବାଇକକୁ ଜବତ କରି ଚୋରାଚାଲାଣକାରୀ ସନ୍ତୋଷଙ୍କୁ ଗିରଫ କରି ଓର୍କେଲ ଥାନାକୁ ନିଆଯାଇଥିଲା। ସେଠାରେ ମୋଟ ୨୦ ଲିଟର ବିଦେଶୀ ମଦ ଜଣାପଡ଼ିଥିବାବେଳେ ଜବତ ମଦ ବାଲିମେଳା ସହରରୁ କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡ଼ି ଗ୍ରାମକୁ ଚୋରାଚାଲାଣ ହେଉଥିବା ପୁଲିସ କହିଛି। ପରେ ଅଭିଯୁକ୍ତ ସନ୍ତୋଷକୁ ଗିରଫ କରି ମାମଲା (୧୨୨/୨୪) ରୁଜୁ କୋର୍ଟ ଚାଲାଣ କରାଯାଇଥିବା ଓର୍କେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ହଷ୍ଟେଲ ଓ ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କଲେ ଛାତ୍ରଛାତ୍ରୀ



**ମାଲକାନଗିରି/ପଦ୍ମଗିରି,୧୪।୩(ସମିସ):** ହଷ୍ଟେଲ ଓ ବିଭିନ୍ନ ସମସ୍ୟାକୁ ନେଇ ବିଦ୍ୟାଳୟରୁ ଜିଲ୍ଲାପାଳଙ୍କ ପାଖକୁ ଅଭିଯୋଗ ପାଇଁ ପହଞ୍ଚିଲେ ମାଲକାନଗିରି ଜିଲ୍ଲା ପଦ୍ମଗିରି ଆଦିବାସୀ ଉନ୍ନୟନ ବିଭାଗର ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀ। ହଷ୍ଟେଲରେ ସେମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ସହ ବିଭିନ୍ନ ପ୍ରକାରର ସମସ୍ୟା ନେଇ ସେମାନେ ଅଭିଯୋଗ କରିଛନ୍ତି। ଏନେଇ ପ୍ରଧାନଶିକ୍ଷକଙ୍କୁ ପୂର୍ବରୁ ବହୁବାର ଅଭିଯୋଗ କରିବାରୁ ଛାତ୍ରଛାତ୍ରୀଙ୍କୁ ଧମକ ମିଳୁଥିବାରୁ ସେମାନେ ବାଧ୍ୟ ହୋଇ ଗୁରୁବାର ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିବା ପାଇଁ ଆସିଥିଲେ। ତେବେ ସେମାନେ ଜିଲ୍ଲାପାଳଙ୍କୁ ଭେଟିବା ପୂର୍ବରୁ ଜିଲ୍ଲା ମଙ୍ଗଳ ଅଧିକାରୀ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରି ବିଦ୍ୟାଳୟକୁ ପଠାଇଦେଇଥିବା ଜଣାପଡ଼ିଛି। ଛାତ୍ରଛାତ୍ରୀମାନେ ପ୍ରଧାନଶିକ୍ଷକ ଓ ଅନ୍ୟ ଜଣେ ଶିକ୍ଷକଙ୍କୁ ବଦଳି କରିବା ପାଇଁ ଦାବି କରିଥିବା ଜଣାପଡ଼ିଥିବାବେଳେ ଏନେଇ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ କହିଛନ୍ତି।

### ଜୟପୁର ସଚେତନ ନାଗରିକ କମିଟିର ସ୍ମାରକପତ୍ର

## ବାଇପାସ୍ ରାସ୍ତା ନିର୍ମାଣ ତ୍ୱରାନ୍ୱିତ ଓ ଜବରଦଖଲ ଉଚ୍ଛେଦ ଦାବି



**ଜୟପୁର,୧୪।୩(ସମିସ)**

କୋରାପୁଟ ଜିଲ୍ଲା ଜୟପୁର ସହରରେ ପ୍ରସ୍ତାବିତ ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ସରକାରୀ ଜମିଗୁଡ଼ିକରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ଜୟପୁର ସଚେତନ ନାଗରିକ କମିଟି ଦାବି କରିଛି। କୋରାପୁଟ ଜିଲ୍ଲା ଜୟପୁର ସହରରେ ଜନସଂଖ୍ୟା ବୃଦ୍ଧି ପାଇଥିବାବେଳେ ଯାନବାହନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଫଳରେ ଜୟପୁର ସହରର ମୁଖ୍ୟରାସ୍ତା, ଜିଲ୍ଲା ଚିକିତ୍ସାଳୟରୁ ହୋଟେଲ ହାଲୋ ଜୟପୁର ପର୍ଯ୍ୟନ୍ତ ଦିନରେ ଏବଂ ରାତି ୯ଟା ପର୍ଯ୍ୟନ୍ତ ଯାନବାହନ ଭିଡ଼ ଯୋଗୁଁ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ତେଣୁ ତୁରନ୍ତ ରେଳ ଷ୍ଟେସନ ଛକରୁ ଦୁବୁଲି ଦେଇ ବାରିଣୀପୁଟ ପର୍ଯ୍ୟନ୍ତ ୨୬ ନମ୍ବର ଜାତୀୟ ରାଜପଥ ନିର୍ମାଣ ଆରମ୍ଭ ହୋଇଥିଲେ ସୁଦ୍ଧା କିଛି କାରଣ ଯୋଗୁଁ ଏହା ତ୍ୱରାନ୍ୱିତ ହୋଇପାରୁନାହିଁ। ଏନେଇ ତୁରନ୍ତ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିବା ସହିତ ସମାଧାନ କରାଯାଇ ରାସ୍ତା ନିର୍ମାଣ କାର୍ଯ୍ୟକୁ ଜୋରଦାର କରିବାକୁ ଜୟପୁର ସଚେତନ ନାଗରିକ କମିଟି ପକ୍ଷରୁ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜୟପୁର ତହସିଲ ଅଧୀନରେ ରହିଥିବା ସହର ଏବଂ ଆଖପାଖ ଗ୍ରାମାଞ୍ଚଳରେ ସରକାରୀ ଜମିଗୁଡ଼ିକ ଜବରଦଖଲରେ ରହିଛି। କିନ୍ତୁ କିଛି ଜନସେବା ପାଇଁ ଅନୁଷ୍ଠାନ ପକ୍ଷରୁ ଜମି ଆବେଦନ କରାଯାଉଥିଲେ ଜମି ନ ଥିବା ନେଇ କହି ଏହି ଆବେଦନ ଖାରଜ କରାଯାଉଛି। ତେଣୁ ତୁରନ୍ତ ତହସିଲ ଅଧୀନରେ ରହିଥିବା ଗୋଚର, ଜଳଚର, ପତିତ ଓ ଶ୍ମଶାନ ଜମିକୁ ଚିହ୍ନଟ କରାଯିବା ସହିତ ସରକାରୀ ଜମିରୁ ଜବରଜଖଲକାରୀଙ୍କୁ ଉଚ୍ଛେଦ କରାଯିବାକୁ କମିଟି ଦାବି କରିଛି। ଜୟପୁର ତହସିଲ ଅଧୀନରେ ୭୨ଟି ଗ୍ରାମ ପଞ୍ଚାୟତ ଏବଂ ଗୋଟିଏ ପୌରାଞ୍ଚଳ ପାଇଁ ୧୩ ଜଣ ରାଜସ୍ୱ ନିରୀକ୍ଷକ ରହିଛନ୍ତି। ଜୟପୁର ସହର ପାଇଁ ୨ ଜଣ ରାଜସ୍ୱ ନିରୀକ୍ଷକ ରହିଛନ୍ତି। ସହରରେ ୧୯ ହଜାର ଘର ଓ ଜମି ପାଇଁ ଜଣେ ରାଜସ୍ୱ ନିରୀକ୍ଷକ, ଗ୍ରାମାଞ୍ଚଳରେ ୨ ହଜାର ଘର ଓ ଜମି ପାଇଁ ଜଣେ ଲେଖାଏଁ ରାଜସ୍ୱ ନିରୀକ୍ଷକ ରହିଛନ୍ତି। ତେଣୁ ଜୟପୁର ସହରକୁ ୪ଟି ମୌଜାର ବିଭକ୍ତ କରାଯାଇ ୪ ଜଣ ରାଜସ୍ୱ ନିରୀକ୍ଷକଙ୍କୁ ନିଯୁକ୍ତ କରିବାକୁ କମିଟି ପକ୍ଷରୁ ତହସିଲଦାରଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ସଭାପତି ଭଜନ ସିଂ, ସମ୍ପାଦକ ନବୀନ ପାତ୍ର, ସୁରଜ ଜୈନ, ଅନି ପଟ୍ଟନାୟକ, ଦାମୋଦର ରଣା ପ୍ରମୁଖ ଉପସ୍ଥିତ ଥିଲେ।

### ■ ଉତ୍କଳ ଆଲୁମିନା ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ

## ଆଦିବାସୀ ମହିଳାଙ୍କ ମଜଭୁତପଣକୁ ସମ୍ମାନ ଜଣାଇବା ଉଚିତ୍

**ରାୟଗଡ଼ା,୧୪।୩(ସମିସ):** ଅଣ୍ଡିରାକଞ୍ଚ ଗ୍ରାମର ଆଦିବାସୀ ମହିଳାଙ୍କ ପାଇଁ ଆନ୍ତର୍ଜାତିକ ମହିଳା ଦିବସ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ ତାହାର ଖଣି ସିଏସ୍‌ଆର ପ୍ରୟାସ ଅଧୀନରେ ଅନୁଷ୍ଠିତ ହୋଇଯାଇଛି। ୧୦୦୦ରୁ ଅଧିକ ଆଦିବାସୀ ମହିଳା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ୟୁନିଟ ହେଡ୍ ଓ ପ୍ରେସିଡେଣ୍ଟ ଉତ୍କଳ ଆଲୁମିନା ଓ ଆଦିତ୍ୟ ଆଲୁମିନାର ମଜହର ବେଗକ୍ କହିଥିଲେ ଯେ, ଆମେ ବିଶ୍ୱବ୍ୟାପୀ ମହିଳାଙ୍କ ଉଲ୍ଲେଖନୀୟ ସଫଳତା ଏବଂ ଅବଦାନକୁ ସମ୍ମାନ ପ୍ରଦର୍ଶନ କରୁଥିବାବେଳେ ଆଦିବାସୀ ମହିଳାମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ସମୂହ ଏବଂ ପ୍ରତିଦିନ ସେମାନେ ପ୍ରତିଦିନ ପ୍ରଦର୍ଶନ କରୁଥିବା ଅତୁଳନୀୟ ମଜଭୁତପଣକୁ ସମ୍ମାନ ଜଣାଇବା ନିତାନ୍ତ ଜରୁରୀ। ସେମାନଙ୍କ ସଶକ୍ତୀକରଣକୁ ସମର୍ଥନ ଯୋଗାଇବା, ସେମାନଙ୍କ ସ୍ୱରକୁ ଅଧିକ ପ୍ରଭାବୀ କରିବା ଏବଂ ଆଗକୁ ବଢ଼ିବା ପାଇଁ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଦିଗରେ ଆମର ପ୍ରତିବଦ୍ଧତାକୁ ପୁନଃ ମଜଭୁତ କରିବାକୁ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବେଶ୍ ମନମୁଗ୍ଧକର 'ଢେମ୍‌ସା ନୃତ୍ୟ ପ୍ରଦର୍ଶନ' ସ୍ଥାନ ପାଇଥିଲା। ଯାହା ଅଞ୍ଚଳର ନିଜସ୍ୱ ଏକ ପାରମ୍ପରିକ ଆଦିବାସୀ ନୃତ୍ୟ କଳା। ତାଳ ସହିତ ମେଳ ଖାଉଥିବା ବିଟ୍ ଏବଂ ନୃତ୍ୟଶିଳ୍ପୀମାନଙ୍କର ଲାଳିତ୍ୟପୂର୍ଣ୍ଣ ଗତିଶୀଳତା ସମୁଦାୟ ପରିବେଶକୁ ଆନନ୍ଦ ଓ ସ୍ଫୁର୍ତ୍ତିରେ ଭରିଦେଇଥିଲା। ଯାହା ଆଦିବାସୀ ସମୁଦାୟଙ୍କର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରିଥିଲା। ଏକ ଚିନ୍ତା ଉଦ୍ରେକକାରୀ 'ନୁକ୍କଡ ନାଟକ' ମଧ୍ୟ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଯାହା ଲିଙ୍ଗଗତ ସମାନତା, ଶିକ୍ଷା ଓ ମହିଳା ସଶକ୍ତୀକରଣ ଭଳି ସାମାଜିକ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଦୃଷ୍ଟିପାତ କରିଥିଲା। ପ୍ରଭାବଶାଳୀ କାହାଣୀକଥନ, ନିୟୋଜନକାରୀ ପ୍ରଦର୍ଶନ ଜରିଆରେ ପଥପ୍ରାନ୍ତ ନାଟକ ସଚେତନତା ସୃଷ୍ଟି କରିବା, ଚିରାଚରିତ ଧାରାକୁ ଆହ୍ୱାନ କରିବା ଏବଂ ଗୋଷ୍ଠୀ ଭିତରେ ସକାରାତ୍ମକ ପରିବର୍ତ୍ତନକୁ ପ୍ରେରଣା ଯୋଗାଇବା ଲକ୍ଷ୍ୟ ରଖିଥିଲା। ଆଦିବାସୀ ମହିଳାମାନଙ୍କ ଅବଦାନ ସମ୍ପର୍କରେ ଉଲ୍ଲେଖ କରି ପ୍ରେସିଡେଣ୍ଟ, ଉଜ୍ଜ୍ୱଳ ଉତ୍କଳ ଲେଡିଜ୍ କ୍ଲବର ହିନା ବେଗ୍ କହିଥିଲେ ଯେ ଆମର ଆଦିବାସୀ ସମୁଦାୟଙ୍କ ହୃଦୟରେ ଆପଣମାନେ ହେଉଛନ୍ତି ସାମର୍ଥ୍ୟର ଖମ୍ବ, ପରମ୍ପରାର ପ୍ରଯତ୍ନକାରୀ ଏବଂ ଆମର ସାମଗ୍ରିକ ପ୍ରଗତି ପଛରେ ମୁଖ୍ୟ ଚାଳନାକାରୀ ଶକ୍ତି। ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ ଦ୍ୱାରା ଆନ୍ତର୍ଜାତିକ ମହିଳା ଦିବସ ପାଳନ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା, ଗୋଷ୍ଠୀ ନିୟୋଜନତାକୁ ଆଗକୁ ବଢ଼ାଇବା ଏବଂ ସାଂସ୍କୃତିକ ବିବିଧତାକୁ ପାଳନ କରିବା ଦିଗରେ କମ୍ପାନୀର ଉତ୍ସର୍ଗୀକୃତ ଭାବକୁ ପ୍ରଦର୍ଶିତ କରୁଛି ବୋଲି ସେ କହିଥିଲେ। ଆଦିବାସୀ ମହିଳାଙ୍କ ସଶକ୍ତୀକରଣରେ ନିବେଶ କରି ଉତ୍କଳ ଆଲୁମିନା ବ୍ୟକ୍ତିବିଶେଷ ଏବଂ ଗୋଷ୍ଠୀଗୁଡ଼ିକର ଜୀବନ ଉପରେ ସକାରାତ୍ମକ ପ୍ରଭାବ ପକାଇବା ପ୍ରୟାସ ନିରନ୍ତର ଜାରି ରଖିଛି।



## ଓକିଲ ପ୍ରଶାନ୍ତ ପ୍ରଧାନଙ୍କ ବିୟୋଗରେ ଶୋକସଭା

**ରାୟଗଡ଼ା,୧୪।୩(ସମିସ):** ରାୟଗଡ଼ା ଓକିଲ ସଂଘର ଉପ ସଭାପତି ପଦ୍ମନାଭ ଦାସଙ୍କ ନେତୃତ୍ୱରେ ବୁଧବାର ଓକିଲ ସ୍ୱର୍ଗତଃ ପ୍ରଶାନ୍ତ ପ୍ରଧାନଙ୍କ ଦେହାନ୍ତରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଓକିଲମାନଙ୍କ ମଧ୍ୟରେ ବିଶ୍ୱନାଥ ଗନ୍ତାୟତ ସମ୍ପାଦକ, ପି.ଜଗନ ମୋହନ ରାଓ, ଲଙ୍କା ଅନିଲ କୁମାର, ରାଧାକୃଷ୍ଣ ଦଳାଇ, ଲେଖ ହିମିରିକା, ମାନସ ରଥଙ୍କ ସମେତ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ।

## ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**କଲ୍ୟାଣସିଂହପୁର,୧୪।୩(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରର ନୂତନ ଥାନା ଅଧିକାରୀ ଭାବେ ନୀଳକଣ୍ଠ ବେହେରା ଯୋଗଦେଇଛନ୍ତି। ଏହାପୂର୍ବରୁ ସେ ଚନ୍ଦ୍ରପୁର ଥାନାରେ କାର୍ଯ୍ୟ କରୁଥିଲେ। କଲ୍ୟାଣସିଂହପୁର ଥାନା ଅଧିକାରୀ ସୁମନ୍ତି ମହାନ୍ତିଙ୍କ ରାୟଗଡ଼ା ବଦଳି ପରେ ନୂତନ ଥାନା ଅଧିକାରୀ ଭାବେ ଶ୍ରୀ ବେହେରା ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି।



ସେ କହିଛନ୍ତି ଯେ, କଲ୍ୟାଣସିଂହପୁର ଥାନା ଅଞ୍ଚଳରେ ଚୋରି ଓ ଡକାୟତିକୁ ଦମନ କରିବା ପାଇଁ ରାତିରେ ପାଟ୍ରୋଲିଂ କରିବା ସହ ଉତ୍ତମ ଭାବେ ଦାୟିତ୍ୱ କାର୍ଯ୍ୟ ସମ୍ପାଦନ କରିବେ। ସବୁବେଳେ ଯେ କୌଣସି ସୁବିଧାଅସୁବିଧା ସମୟରେ ଅଞ୍ଚଳବାସୀଙ୍କୁ ସାହାଯ୍ୟ ସହଯୋଗ କରିବେ ବୋଲି ସେ କହିଛନ୍ତି।

## ଅଗ୍ନିଶମ କର୍ମଚାରୀଙ୍କ ହୃଦ୍‌ଘାତରେ ପରଲୋକ

**ପଦ୍ମପୁର, ୧୪।୩(ସମିସ):** ରାୟଗଡ଼ା ଜିଲ୍ଲା ପଦ୍ମପୁର ଅଗ୍ନିଶମ କର୍ମଚାରୀ ଅରକ୍ଷିତ ପୁଷ୍ପାରେଡ଼ି(୪୫ )ଙ୍କ ହୃଦଘାତରେ ପରଲୋକ ଘଟିଛି। ସୂଚନାନୁଯାୟୀ, ବୁଧବାର ରାତିରେ ଛାତିରେ ପ୍ରବଳ ଯନ୍ତ୍ରଣା ହେତୁ ପଦ୍ମପୁର ଅଗ୍ନିଶମ ବାହିନୀର କିଛି କମଚାରୀ ତାଙ୍କୁ ଜରୁରୀକାଳୀନ ଅଗ୍ନିଶମ ଗାଡ଼ିରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡା. ଅମ୍ବୁଜ କୁମାର ମୁହୁଲି ତାଙ୍କୁ ଚିକିତ୍ସା କରି ଉଚ୍ଚ ରକ୍ତଚାପ କମାଇବା ପାଇଁ ଚେଷ୍ଟା କରି ମଧ୍ୟ ସ୍ୱାସ୍ଥ୍ୟରେ କୌଣସି ପରିବର୍ତ୍ତନ ନ



ହେବାରୁ ତାଙ୍କୁ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମର ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ଗୁରୁବାର ଅପରାହ୍ନରେ ତାଙ୍କର ବିୟୋଗ ହୋଇଛି। ମୃତ୍ୟୁ ସମୟରେ ପତ୍ନୀ ଓ ପୁଅ ଥିବାବେଳେ ମୃତଦେହକୁ ତାଙ୍କ ନିଜ ଗାଁ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ଜଗନ୍ନାଥପୁରକୁ ନିଆଁ ଯାଇଛି। ପଦ୍ମପୁର ଅଗ୍ନିଶମ ବାହିନୀ ତରଫରୁ ଗଭୀର ଶୋକପ୍ରକାଶ କରାଯାଇଥିବା ବେଳେ ସରକାରଙ୍କ ତରଫରୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି କରାଯାଇଛି।

### ରାୟଗଡ଼ା ଜିଲ୍ଲା ବିକାଶ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

# ‘ଓଡ଼ିଆ ଭାଷାର ବହୁଳ ବ୍ୟବହାର ପାଇଁ ପ୍ରଶାସନିକ ପଦକ୍ଷେପ ଜରୁରୀ’

**ରାୟଗଡ଼ା,୧୪।୩(ସମିସ):** ରାୟଗଡ଼ା ଜିଲ୍ଲା ବିକାଶ ମଞ୍ଚ ତରଫରୁ ରାଜ୍ୟ ସରକାରଙ୍କ ଭାଷା ନିୟମ ଅନୁସାରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସମସ୍ତ ନଥିପତ୍ରକୁ ଓଡ଼ିଆ ଭାଷାରେ ଲେଖାଯିବା ଏବଂ ଜିଲ୍ଲାରେ ଥିବା ବିଭିନ୍ନ ଅନୁଷ୍ଠାନ ଓ ଦୋକାନରେ ଥିବା ନାମଫଳକଗୁଡ଼ିକରେ ଓଡ଼ିଆ ଭାଷାରେ ଶୁଦ୍ଧ ଭାବରେ ଲେଖାଯିବା, ସଦରମହକୁମାରେ ଥିବା ପ୍ରେକ୍ଷାଳୟମାନଙ୍କରେ ଓଡ଼ିଆ ସିନେମା ପ୍ରସାରଣ ନିମନ୍ତେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାୟଗଡ଼ା ଜିଲ୍ଲାରେ ସରକାରୀ ହେଉ ବା ବେସରକାରୀ କାର୍ଯ୍ୟାଳୟମାନଙ୍କରେ ବ୍ୟବହାର ହେଉଥିବା ନଥିପତ୍ର ଇଂରାଜୀ ଭାଷାରେ ପ୍ରଚଳନ ହେଉଛି। କାଁ ଭାଁ ଓଡ଼ିଆ



ଭାଷାର ପ୍ରୟୋଗ କରାଯାଉଛି। କିନ୍ତୁ ରାଜ୍ୟ ସରକାର ଓଡ଼ିଆ ଭାଷାରେ ସମସ୍ତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ରାୟଗଡ଼ା ଜିଲ୍ଲାରେ ଏହି ଆଦେଶର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖାଯାଉଛି। ଜିଲ୍ଲାର ବିଭିନ୍ନ ବେସରକାରୀ ଅନୁଷ୍ଠାନ ଓ ଦୋକାନମାନଙ୍କରେ ଲେଖାଯାଉଥିବା ନାମଫଳକରେ ବନାନ ତ୍ରୁଟି ପରିଲକ୍ଷିତ ହେଉଥିଲେ ମଧ୍ୟ ତାହାକୁ ସଂଶୋଧନ କରାଯାଉ ନ ଥିବା ଦୁଃଖର ବିଷୟ। ବାରମ୍ବାର ଏହି ବିଷୟ ନେଇ ଦାବି କରାଯାଉଥିଲେ ମଧ୍ୟ ସଂଶୋଧନ କରିବା ବଦଳରେ ଚୁପ୍ ହୋଇ ନ ଦେଖିବା ଭଳି କାର୍ଯ୍ୟ କରୁଛନ୍ତି। ଜିଲ୍ଲାର ସଦରମହକୁମାରେ ୭ଟି ପ୍ରେକ୍ଷାଳୟ ରହିଥିବାବେଳେ ବର୍ଷ ତମାମ ହିନ୍ଦୀ ଓ ତେଲୁଗୁ ଭାଷାରେ ସିନେମା ପ୍ରସାରଣ କରାଯାଉଛି। ଯାହା ଜିଲ୍ଲାରେ ଓଡ଼ିଆଙ୍କ ମନରେ ଗଭୀର ଦୁଃଖ ପ୍ରକାଶ ପାଉଛି। ଆଗକୁ ଏପ୍ରିଲ ୧ ତାରିଖ ଉତ୍କଳ ଦିବସ ପାଳନ କରାଯିବ। ଅନ୍ତତଃପକ୍ଷେ ଉକ୍ତ ଦିନରେ ସଦରମହକୁମା ଓ ଜିଲ୍ଲାରେ ଥିବା ସମସ୍ତ ପ୍ରେକ୍ଷାଳୟରେ ଓଡ଼ିଆ ସିନେମା ପ୍ରସାରଣ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ମଞ୍ଚ ତରଫରୁ ଅନୁରୋଧ କରାଯାଇଛି। ରାୟଗଡ଼ା ଜିଲ୍ଲା ବିକାଶ ମଞ୍ଚ ଓଡ଼ିଆ ଭାଷାର ଉନ୍ନତି ଓ ବ୍ୟବହାର ନିମନ୍ତେ ନିଜର ପ୍ରୟାସ ଜାରି ରଖିବ ବୋଲି ସଭାପତି ଦୟାନନ୍ଦ ଖାଡ଼ାଙ୍ଗା ପ୍ରକାଶ କରିଛନ୍ତି। ରାୟଗଡ଼ା ଜିଲ୍ଲା ବିକାଶ ମଞ୍ଚର ସଭାପତି ଶ୍ରୀ ଖାଡ଼ାଙ୍ଗାଙ୍କ ନେତୃତ୍ୱରେ କୋଷାଧକ୍ଷ ସୁରେଶ ସାହୁ, ସଭ୍ୟ ମନୋଜ କୁମାର ସାହୁ, ସନ୍ତୋଷ କୁମାର ପଣ୍ଡା, ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲ ନିଆଁର ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ



**ଚନ୍ଦ୍ରପୁର,୧୪।୩(ସମିସ):** ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତ ଅଧୀନ ମକାନଗୁଡ଼ି ଗ୍ରାମରେ ଡାଙ୍ଗସରଡ଼ା ସେକ୍ସନସ୍ତରୀୟ ହନୁମନ୍ତପୁର ବିଟରେ ଜଙ୍ଗଲ ନିଆଁକୁ ପ୍ରତିରୋଧ ଓ ପ୍ରତିକାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡ଼ା ବନାଞ୍ଚଳ ଅଧିକାରୀ ଅନିଲ କୁମାର ବାଲାଙ୍କ ସଭାପତିତ୍ୱରେ ଡାଙ୍ଗସରଡ଼ା ଆଇସି ଫରେଷ୍ଟର ଘାସି ମାଝୀଙ୍କ ଅଧକ୍ଷତାରେ ମକାନଗୁଡ଼ି ଗ୍ରାମରେ ଜଙ୍ଗଲ ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାୟଗଡ଼ା ଜିଲ୍ଲା ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଡା. ଗୌରାଙ୍ଗଚରଣ ରାଉତ, ହନୁମନ୍ତପୁର ସରପଞ୍ଚ ନୀଳମାଇ ଦିବାକା, ସମାଜସେବୀ ରଣେଶ୍ୱର ବ୍ରେକବେଡ଼ା ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଚନ୍ଦ୍ରପୁର ବନପାଳ ଅଶ୍ୱିନୀ କରକରୀୟା ଯୋଗଦେଇଥିଲେ। ପ୍ରତିବର୍ଷ ଜଙ୍ଗଲରେ ନିଆଁଲାଗି ଜୀବଜନ୍ତୁ, ମୂଲ୍ୟବାନ ଗଛପତ୍ର ଓ ଔଷଧୀୟ ବୃକ୍ଷଲତା ନିଆଁରେ ପୋଡ଼ିଯିବାରୁ ପ୍ରଶାସନର କୋଟିକୋଟି ଟଙ୍କାର ଜଙ୍ଗଲ ସମ୍ପତ୍ତି ନଷ୍ଟ ହେବା ସହ ଜୀବଜନ୍ତୁ ପ୍ରଭାବିତ ହୁଅନ୍ତି। ଏହାର ନିରାକରଣ ପାଇଁ ଜଙ୍ଗଲ ନିକଟ ଗ୍ରାମବାସୀ ତଥା ଅଞ୍ଚଳବାସୀମାନେ ନିଜେ ସଚେତନା ହେବାସହ ଅନ୍ୟମାନଙ୍କୁ ସଚେତନା କରିବା ଆବଶ୍ୟକ। ତେଣୁ ଜଙ୍ଗଲ ସୁରକ୍ଷା ପାଇଁ ଜନସହଭାଗିତା ଆବଶ୍ୟକ। ତେଣୁ ଆମେ ପ୍ରକୃତିର ରକ୍ଷା କରିପାରିଲେ ସେ ଆମକୁ ସୁରକ୍ଷା ଯୋଗାଇଦେବ ବୋଲି ଉପସ୍ଥିତ ଗ୍ରାମବାସୀମାନଙ୍କୁ ବୁଝାଇ ସଚେତନାତା ବାର୍ତ୍ତାଦେଇଥିଲେ। ଜଙ୍ଗଲ ନିଆଁର ପ୍ରତିରୋଧ କାର୍ଯ୍ୟକ୍ରମରେ ଜଙ୍ଗଲ କମିଟିର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହି ଜଙ୍ଗଲ ସୁରକ୍ଷା ନେଇ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଡାଙ୍ଗସରଡ଼ା ବନରକ୍ଷୀ ଜ୍ୟୋତିର୍ମୟୀ ଭୋଇ, ରମାକାନ୍ତ ଦାସ, ଗୀତାଞ୍ଜଳି ବଡ଼ଜେନା ଓ ବିଘ୍ନରାଜ ମିଶ୍ରଙ୍କ ନିକଟସ୍ଥ ସୀତାପଙ୍ଗା, ମାଝିଗୁଡ଼ା, ଉଆପୁଟି ଓ ହାକୁସପଙ୍ଗା ଗ୍ରାମରୁ ପ୍ରାୟ ୨୦୦ରୁ ଅଧିକ ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ବନପାଳ ଘାସିମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟିପିଏସ୍‌ଓଡିଏଲର ବୈଦ୍ୟୁତିକ ଜାତୀୟ ସୁରକ୍ଷା ସଚେତନତା ଶୋଭାଯାତ୍ରା

**ଜୟପୁର,୧୪।୩(ସମିସ):** ଦକ୍ଷିଣାଞ୍ଚଳ ଟାଟା ପାୱାର ଓଡ଼ିଶା ବିତରଣ ଲିମିଟେଡ(ଟିପିଏସ୍‌ଓଡିଏଲ୍) ଆନୁକୂଲ୍ୟରେ ୫୩ତମ ଜାତୀୟ ସୁରକ୍ଷା ଦିବସ ପାଳନ ଅବସରରେ ବୁଧବାର ବୈଦ୍ୟୁତିକ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୧୦ ତମ ଜାତୀୟ ଦିବସ ଅବସରରେ ବିଦ୍ୟୁତ ଉପଭୋକ୍ତା ଓ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏହି ସଚେତନତା ଶୋଭାଯାତ୍ରାରେ ବୈଦ୍ୟୁତିକ ସୁରକ୍ଷା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ଶୋଭାଯାତ୍ରା ମଧ୍ୟାହ୍ନରେ ପାୱାରହାଉସ ସ୍ଥିତ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇଥିଲା। ଏହା ତାରିଣୀ ଛକ, ରାଜୁ ସାହି ଓ ମାଦଳା ସାହିଛକ ଦେଇ ପୁଣି ପାୱାର ହାଉସ ଛକଠାରେ ପହଞ୍ଚିଥିଲା। ଶୋଭାଯାତ୍ରାକୁ ଜୟପୁର ବିଦ୍ୟୁତ ମଣ୍ଡଳର ଜିଆରଏଫର ସଭାପତି ଟି ତପନ ରଶ୍ମି ସୁବୁଦ୍ଧି ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏଥିରେ ଆଲୋକ କୁମାର ନାୟକ, ସୌମ୍ୟରଞ୍ଜନ ଲେଙ୍କା, ସୁରଜିତ କୁମାର ସ୍ୱାଇଁ, ଜ୍ଞାନରଞ୍ଜନ ରାଉତ, ବେଣୁଧର ନାୟକ, ବିଶ୍ୱଜିତ ମେଣ୍ଡୁଲି, ପରିମଳ ପାଲ, ରଞ୍ଜିତ କୁମାର ତାରିଣି, ତାରଣି ସେନ ମାହାଲି, ଚିତ୍ତରଞ୍ଜନ ବରାଡ଼, ଅଶୋକ କୁମାର ସ୍ୱାଇଁ, ହିମାଂଶୁ ନାୟକ, ରାଜ୍ କମର, ରୋସନ ସାହୁ, ମୋହର ସାହୁ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।




## ସୀମାନ୍ତରୁ ୩ ଇନାମୀ ମାଓବାଦୀ ଗିରଫ



**ମାଲକାନଗିରି,୧୪।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁରରେ ଚାଲିଥିବା ମାଓ ବିରୋଧୀ ଅପରେସନବେଳେ ଯବାନମାନେ ତିନିଜଣ ଇନାମୀ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାରେ ଚାଲିଥିବା ମାଓ ବିରୋଧୀ ଅପରେସନବେଳେ ଜିଲ୍ଲାର ଚିନ୍ତନପାଲୀ ଜଙ୍ଗଲରେ ପୁଲିସ ଓ ଡିଆରଜିର ଯବାନଙ୍କ ଦ୍ୱାରା ମିଳିତ ରୂପେ ତଲାସି ଅଭିଯାନ କରିଥିଲେ। ଏହି ସମୟରେ ଜଙ୍ଗଲ ମଧ୍ୟରେ କିଛି ବ୍ୟକ୍ତି ଯବାନଙ୍କୁ ଦେଖି ସେଠାରୁ ଲୁଚି ପଳାଇବାକୁ ଚେଷ୍ଟା କରୁଥିବା ଦେଖି ଯବାନମାନେ ୩ ଜଣଙ୍କୁ କାବୁ କରିଥିଲେ। ପଚରାଉଚରାବେଳେ ସେମାନେ ମାଓବାଦୀ ବୋଲି ଜାଣିବା ପରେ ତୁରନ୍ତ ସେମାନଙ୍କୁ ଗିରଫ କରିଥିଲେ। ଗିରଫ ମାଓବାଦୀମାନେ ହେଲେ ସୁଦ୍ର କୁରସମ, ମିଲିସିଆ କମାଣ୍ଡର ଭମାନ ପୋୟାମ, ରାକେଶ ମୁଦମା। ତେବେ ଗିରଫ ହୋଇଥିବା ମାଓବାଦୀମାନଙ୍କ ଉପରେ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା ରହିଥିଲାବେଳେ ଏମାନଙ୍କ ନାମରେ ଅନେକ ମାମଲା ରହିଛି। ଗିରଫ ହୋଇଥିବା ମାଓବାଦୀମାନେ ଗ୍ରାମବାସୀଙ୍କୁ ଆକ୍ରମଣ, ଡକାୟତି ଘଟଣା ଓ ପୁଲିସ ଉପରକୁ ଆକ୍ରମଣ କରିବା ଘଟଣାରେ ସମ୍ପୃକ୍ତ ଥିଲେ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ପୁଲିଂ ଅଧିକାରୀଙ୍କୁ ତାଲିମ

**ନବରଙ୍ଗପୁର,୧୪।୩(ସମିସ):** ୨୦୨୪ ସାଧାରଣ ଏବଂ ଓଡ଼ିଶା ବିଧାନସଭା ନିର୍ବାଚନ ପ୍ରକ୍ରିୟା କାର୍ଯ୍ୟକୁ ସୁଚାରୁରୂପେ ତୁଲାଇବା ନିମନ୍ତେ ପୁଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଚଳିତ ମାର୍ଚ୍ଚ ୧୨ରୁ ଆରମ୍ଭ ହୋଇଛି। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ତାଲିମ୍ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ନବରଙ୍ଗପୁର ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚବିଦ୍ୟାଳୟ, ଭୈରବ ଡିଗ୍ରୀ କଲେଜ,ଏସ୍‌ଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ଡାବୁଗାଁ, ନୋଡାଲ ଏସ୍‌ଏସ୍ ସରକାରୀ ଉଚ୍ଚବିଦ୍ୟାଳୟ ଉମରକୋଟ, ପାନାବେଡ଼ା ଡିଗ୍ରୀ କଲେଜ ଚନ୍ଦାହାଣ୍ଡି, ପାନାବେଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚନ୍ଦାହାଣ୍ଡିର ସମୁଦାୟ ୩୩ଟି ସ୍ଥାନରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ. କମଳ ଲୋଚନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମହେଶ୍ୱର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଡେପୁଟି କଲେକ୍ଟର ନିର୍ବାଚନ ବିଭାଗ, ପି.ମନସ୍ମିତା, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ତାଲିମ୍ ପ୍ରଦାନ ସହିତ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବିଭିନ୍ନ ବିଭାଗୀୟ ଅଧିକାରୀ, ସମ୍ପୃକ୍ତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରମୁଖଙ୍କୁ ପର୍ଯ୍ୟାୟ କ୍ରମେ ତାଲିମ ପ୍ରଦାନ ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଚାରି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ତାଲିମ ଶିବିରରେ ଜିଲ୍ଲାର ୭୧୩୬ ଜଣ ପୁଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ସାଧାରଣ ନିର୍ବାଚନ ପରିଚାଳନାରେ ନିଜ ନିଜର ଦାୟିତ୍ୱ କିପରି ନିର୍ଭୁଲ ଭାବରେ ତୁଲାଇବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯିବ। ପୁଲିଂ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ଡିସ୍ପର୍ଶଲ କେନ୍ଦ୍ରରୁ ବୁଥ୍ ପର୍ଯ୍ୟନ୍ତ ଯିବେ, ବୁଥରେ କେଉଁ ଅଧିକାରୀଙ୍କ କ’ଣ କାର୍ଯ୍ୟ ତାହା ବୁଝାଇଥିଲେ। ଭୋଟ୍ ଗ୍ରହଣ ଦିନ ଶାନ୍ତିଶୃଙ୍ଖଳା ସହ ଭୋଟଦାନ ପ୍ରକ୍ରିୟା କିପରି କରିପାରିବେ, ସେକ୍ଟର ଅଧିକାରୀଙ୍କ ସହ କିପରି ଯୋଗାଯୋଗ ରଖିବେ ସେ ଉପରେ ତାଲିମ ପ୍ରଦାନ କରିଥିଲେ। ଇଭିଏମ, ଭିଭିପାଟ ସଂଯୋଗ, କଣ୍ଟ୍ରୋଲ ୟୁନିଟ୍ କାର୍ଯ୍ୟ ଆଦି ଉପରେ ସୂଚନା ଦେଇଥିଲେ। ପ୍ରତ୍ୟେକ ପୁଲିଂ ଅଧିକାରୀ ନିଜ ନିଜର ଦାୟିତ୍ୱ ସୂଚାରୁ ରୂପେ ତୁଲାଇବା ସହିତ ଗଣତନ୍ତ୍ରର ପବିତ୍ର କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳ ଡ. ମିଶ୍ର ପରାମର୍ଶ ଦେଇଥିଲେ।



## ନବୋଦୟ-୨ ବିଦ୍ୟାଳୟର ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

**ବାଲିମେଲା,୧୪।୩(ସମିସ)**

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ବାଲିମେଲାରେ ଥିବା ନବୋଦୟ-୨ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ବାଲିମେଲା ସ୍ଥିତ ବଜାର ପ୍ରାଥମିକ ବିଦ୍ୟାଳୟ ଏବଂ ଓର୍କେଲ ପ୍ରାଥମିକ ବିଦ୍ୟାଳୟକୁ ଯାଇ ସ୍ୱଚ୍ଛତା ସଚେତନତା ସଭା ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା କରିବା ସହିତ ସମ୍ପୃକ୍ତ ବିଦ୍ୟାଳୟର ପରିସରକୁ ସଫା କରିବାର ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ନବୋଦୟ ବିଦ୍ୟାଳୟର ଅଧକ୍ଷ ଯତୀନ୍ଦ୍ର କୁମାର ରଥ ଛାତ୍ରଛାତ୍ରୀଙ୍କୁ ନିଜ ଉଦବୋଧନରେ ସ୍ୱଚ୍ଛତାର ବାର୍ତ୍ତା ଦେବା ସହ ସ୍ୱଚ୍ଛତାର ଉପକାରିତା ଉପରେ ଅବଗତ କରାଇଥିଲେ। ଏଥି ସହିତ ଉଭୟ ବିଦ୍ୟାଳୟକୁ ସ୍ୱଚ୍ଛତା ଉପକରଣ ପ୍ରଦାନ କରାଯାଇଥିଲା। ନବୋଦୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ବୋନଥ, କବିରାଜ ସେଠୀ, ପ୍ରେମବିର ସିଂ, ପ୍ରଯୋତିକା ମିଶ୍ରଙ୍କ ସହ ଉଭୟ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ସଫଳ କରାଇଛନ୍ତି।



## ଡଙ୍ଗାସିଲକୁ ବ୍ଲକ୍ ଓ କାଶୀପୁରକୁ ସବ୍‌ଡିଭିଜନ ମାନ୍ୟତା ଦାବି

**କାଶୀପୁର,୧୪।୩(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ଡଙ୍ଗାସିଲ ପଞ୍ଚାୟତକୁ ବ୍ଲକ୍ ମାନ୍ୟତା ଦାବି ନେଇ କିଛି ଦିନ ହେଲା ଅଞ୍ଚଳରେ ଲୋକଙ୍କ ପ୍ରତିକ୍ରିୟା ଜୋର୍ ଧରିଥିବାବେଳେ ପ୍ରାୟ ପ୍ରତି ଗ୍ରାମ ପଞ୍ଚାୟତରେ ବାରମ୍ବାର ସାଧାରଣରେ ବୈଠକ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳୁଛି। ସେହି କ୍ରମରେ ଗୁରୁବାର ଡଙ୍ଗାସିଲ ସଦରମହକୁମାଠାରେ ଅନ୍ୟ ୫ଟି ଗ୍ରାମ ପଞ୍ଚାୟତର ଶତାଧିକ ଜନସାଧାରଣଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀଙ୍କ ଉପସ୍ଥିତିରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହେବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କାଶୀପୁର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

କାର୍ଯ୍ୟକ୍ରମରେ ଡଙ୍ଗାସିଲକୁ ଏକ ବ୍ଲକ୍ ପୁଣି କାଶୀପୁରକୁ ଏକ ସବଡିଭିଜନର ମାନ୍ୟତା ପାଇଁ ନିଷ୍ପତ୍ତି କରାଯାଇଛି। ଡଙ୍ଗାସିଲ ବ୍ଲକ୍ ମାନ୍ୟତା ମିଳିଲେ ଅଞ୍ଚଳର ପାଖାପାଖି ୧୨ଟି ପଞ୍ଚାୟତର ଜନସାଧାରଣ ଅନେକ ସମସ୍ୟାରୁ ଉପକୃତ ହେବେ ବୋଲି ପ୍ରକାଶ ପାଇଛି। ଫଳରେ ଡଙ୍ଗାସିଲ ତଥା ଅନ୍ୟ ୧୨ଟି ଗ୍ରାମ ପଞ୍ଚାୟତର ଲୋକେ ତାଙ୍କ ମୌଳିକ ସମସ୍ୟା ଯଥା- ବ୍ଲକ, ତହସିଲ, ମେଡିକାଲ ଭଳି ଅନେକ ସେବାରୁ ଲାଭ ପାଇପାରିବେ। ପ୍ରକାଶ ଥାଉକି, ଏହି ଅଞ୍ଚଳ ବ୍ଲକ୍ ଅନ୍ତର୍ଗତ ଅନ୍ୟ ଅଞ୍ଚଳଠାରୁ ବିକାଶ ଦିଗରେ ପଛୁଆ। ଅଞ୍ଚଳଠାରୁ ବ୍ଲକ୍ ଓ ଜିଲ୍ଲା ପ୍ରଶାସନଠାରୁ ବହୁ ଦୂରରେ ରହିଥିବାବେଳେ ଭୌଗୋଳିକ ଦୃଷ୍ଟିକୋଣରୁ ଅଞ୍ଚଳକୁ ଏକ ପାହାଡ଼, ପର୍ବତ,



ନଦୀ ଘେରି ରହିଛି। ସେହିପରି ଗମନାଗମନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। କହିବାକୁ ଗଲେ ଏପର୍ଯ୍ୟନ୍ତ ଏଠାକାର ଲୋକେ ଘୋଡ଼ା ଓ ଖଚର ଦ୍ୱାରା ପରିବହନ କରିଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ଡଙ୍ଗାସିଲକୁ ବ୍ଲକ୍ ଓ କାଶୀପୁରକୁ ଏକ ସବଡିଭିଜନ ମାନ୍ୟତା ଦିଆଯିବା ଦାବି ନେଇଁ ଗୁରୁବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ପ୍ରଦାନ ନିମନ୍ତେ ଅନ୍ତିମ ବୈଠକ ପରେ କାଶୀପୁର ତହସିଲଦାର ସୁନୀଲ କୁମାର ପ୍ରଧାନଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଏହାର ଏକକିତା ନକଲ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀଙ୍କ ସମେତ କେନ୍ଦ୍ରୀୟ ସଂଖ୍ୟାଲଘୁ, ପଛୁଆ ବର୍ଗ ଓ ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ମନ୍ତ୍ରୀଙ୍କୁ ଡାକ ଯୋଗେ ପ୍ରେରଣା କରିଥିବା ଜଣାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ସଦନ ମାଝି, ଭୀମସେନ ସାଉନ୍ତା, ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ନାଏକ, ଡଙ୍ଗାସିଲ ସରପଞ୍ଚ ସୁମିତ୍ରା ମାଝି, କୋଡ଼ିପାରି ସରପଞ୍ଚ ଡମ୍ବରୁଧର ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଅମ୍ବିକା ମାଝୀ, ନିରଞ୍ଜନ ନାଏକ, ହଳଧର ନାଏକ, ପୂର୍ବତନ ଡଙ୍ଗାସିଲ ସରପଞ୍ଚ ନରସିଂହ ସାଉନ୍ତା, ଉମ୍ବା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ

**ଚାନ୍ଦିଲି,୧୪।୩(ସମିସ):** କୋଟପାଡ଼ ଦେଇ ଯାଇଥିବା ୬୩ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ନିର୍ମିତ ହୋଇଥିବା ନୂତନ ଗୋଷ୍ଠୀ କେନ୍ଦ୍ରକୁ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ଯୋଗଦେଇ ବୁଧବାର ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ତଥା ପ୍ରେସ୍ କ୍ଲବ୍ ସଭାପତି ପଙ୍କଜ କୁମାର ପାତ୍ର, ଓକିଲ ସଂଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ବିଧାୟିକା ପ୍ରତିନିଧି ପ୍ରଦୀପ ବକ୍ସି, ବ୍ଲକ୍ ଉପାଧକ୍ଷ ତପନ ପାଣିଗ୍ରାହୀ, ସମାଜସେବୀ ଗଣେଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ନେତା ମନୋହର ବିଶୋଇ, ପ୍ରେସ୍ କ୍ଲବ୍ ସଦସ୍ୟ ତଥା ଆଇନଜୀବୀ ମୁକ୍ତେଶ୍ୱର ନାୟକ, ଶଙ୍କର ପ୍ରସାଦ ପଣ୍ଡା, ରାଜଶେଖର ରାଓ, ବୁଲୁ ମଲ୍ଲିକ, ଭାରତ ମିଡିଆର ଅଜୟ ମିଶ୍ରଙ୍କ ସହ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



# ଦୃଷ୍ଟିବାଧିତ କଣ୍ଠଶିଳ୍ପୀ ଲକ୍ଷ୍ମଣ ଶବରଙ୍କୁ ବାଦ୍ୟଯନ୍ତ୍ର ଉପହାର

**ରାୟଗଡ଼ା,୧୪।୩(ସମିସ):**



ଜନ୍ମରୁ ସେ ଦୃଷ୍ଟିବାଧିତ। ତଥାପି ନୂଆ କିଛି କରିବାର ସମ୍ଭାବନା ଓ ଆଗ୍ରହ ତାଙ୍କୁ ଆଜି ଜଣେ ସଫଳ କଣ୍ଠଶିଳ୍ପୀ ଭାବେ ରାୟଗଡ଼ା ତଥା ସମଗ୍ର ରାଜ୍ୟରେ ବେଶ୍ ପରିଚିତ କରିପାରିଛି। ସେ ହେଉଛନ୍ତି ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଖିଲାପଦର ଗ୍ରାମ ପଞ୍ଚାୟତ ସଦର ଗ୍ରାମର ୩୬ ବର୍ଷୀୟ ଲକ୍ଷ୍ମଣ ଶବର। ତାଙ୍କ କଣ୍ଠରେ ଭରି ରହିଛି ଯେମିତି ଯାଦୁ। ୮ ବର୍ଷ ବୟସରୁ ଗୀତ ଗାଇବାର ରୁଚି ତାଙ୍କ ପ୍ରତିଭାକୁ ପ୍ରତିପାଦିତ କରିପାରିଥିଲା। ତେବେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ନିଜ ପାଇଁ କ୍ୟାସିଓ ଭଳି ଏକ ବାଦ୍ୟଯନ୍ତ୍ର କ୍ରୟ କରିବାରେ ସେ ଅସମର୍ଥ ହେଉଥିବାବେଳେ ପୂର୍ବତନ ରାଜ୍ୟପାଳ ଗଣେଶୀ ଲାଲଙ୍କ ତରଫରୁ ତାଙ୍କୁ ଏକ ବୈଦ୍ୟୁତିକ କ୍ୟାସିଓ କିବୋର୍ଡ ବାଦ୍ୟଯନ୍ତ୍ର ଉପହାର ଆକାରରେ ପ୍ରଦାନ କରାଯାଇଛି। ଏହି ଉପହାରକୁ ଗୁରୁବାର ଲକ୍ଷ୍ମଣ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ସୀମାଞ୍ଚଳ ମହାପାତ୍ରଙ୍କଠାରୁ ଗ୍ରହଣ କରିଛନ୍ତି। ଯାହାକୁ ନେଇ ଲକ୍ଷ୍ମଣ ଅତ୍ୟନ୍ତ ଖୁସିବ୍ୟକ୍ତ କରିବା ସହ ପୂର୍ବତନ ରାଜ୍ୟପାଳ ଶ୍ରୀ ଲାଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ବାଦ୍ୟଯନ୍ତ୍ର ପ୍ରଦାନବେଳେ ଲକ୍ଷ୍ମଣଙ୍କ ସ୍ତ୍ରୀ ଚନ୍ଦ୍ରମା ସାହୁ, ୭ ବର୍ଷର ଝିଅଙ୍କ ସମେତ ରାୟଗଡ଼ା ଜିଲ୍ଲା ଭିନ୍ନକ୍ଷମ ମହାସଂଘ ସଭାପତି ଶିଶିର ରାଉଳ, ସମ୍ପାଦକ ଅମରେନ୍ଦ୍ର ନାଥଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ରାୟଗଡ଼ା ଜିଲ୍ଲା ତଥା ସମ୍ବଲପୁର, ବ୍ରହ୍ମପୁର, କଟକ, ଭୁବନେଶ୍ୱର, କୋରାପୁଟ, ଗଜପତି ଭଳି ଅନେକ ଜିଲ୍ଲାରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଲକ୍ଷ୍ମଣ ଶ୍ରୋତାମାନଙ୍କୁ ନିଜ ଯାଦୁଭରା କଣ୍ଠରେ କୋରାପୁଟିଆ, ସମ୍ବଲପୁରୀ, ଓଡ଼ିଆ, ଭୋଜପୁରୀ, ବଙ୍ଗାଳୀ, ତେଲୁଗୁ, ଛତିଶଗଡ଼ି ଭଳି ଭାଷାରେ ଗୀତ ଗାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥାନ୍ତି। ତାଙ୍କ ଗୀତ ଶୁଣି ଶ୍ରୋତା ମଧ ଝୁମି ଉଠନ୍ତି। ମେଲୋଡି ଓ ଭଜନ ସନ୍ଧ୍ୟା ଭଳି କାର୍ଯ୍ୟକ୍ରମରେ ପାଖାପାଖି ୧୫୦ରୁ ଊର୍ଦ୍ଧ୍ୱ ଗୀତ ସେ ଗାଇଥିବାବେଳେ ରାଜ୍ୟର ପ୍ରସିଦ୍ଧ ପ୍ରେମାନନ୍ଦ ମ୍ୟୁଜିକ୍ ପ୍ରଡକ୍ସନରେ ଏକ କୋରାପୁଟିଆ ଗୀତ ପାଇଁ ନିଜ ଭଏସ୍ ଟେଷ୍ଟ ଦେଇସାରିଛନ୍ତି। ସେହିପରି ସାରଦା ପ୍ରଡକ୍ସନର ପ୍ରଡ୍ୟୁସର ଆଦିତ୍ୟ ନାରାୟଣ ଦାସଙ୍କ ସହଯୋଗରେ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ 'ହେ କଳାଠାକୁର' କୋରାପୁଟିଆ ଭଜନ ଗାଇବାକୁ ଯାଉଛନ୍ତି। ସମ୍ବଲପୁରୀ ଭାଷା ଗୀତରେ 'ସୂରଜମୁଖୀ କଲୁ ମୋତେ ଦିବାନା' ଲୋକଗୀତ ପାଇଁ ସେ ନିଜକୁ ପ୍ରସ୍ତୁତ କରିଛନ୍ତି। ବାପା ସ୍ୱର୍ଗତ ମୀନ ଶବର ଓ ମାଆ ସ୍ୱର୍ଗତ ଦଶନ୍ଦି ଶବରଙ୍କ ସାନ ପୁଅ ଲକ୍ଷ୍ମଣ ଗତ ୮ ବର୍ଷ ତଳେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଦୃଷ୍ଟିବାଧିତ ଲକ୍ଷ୍ମଣଙ୍କଠାରେ ଥିବା ପ୍ରତିଭାକୁ ତାଙ୍କ ଧର୍ମପତ୍ନୀ ଚନ୍ଦ୍ରମା ସାହୁ ବହୁ ସମର୍ଥନ କରିଥାନ୍ତି। ତାଙ୍କର ୭ ବର୍ଷର ଝିଅଟିଏ ଅଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୀତ ଗାଇ କିଛି ପାରିଶ୍ରମିକ ପାଉଥିବା ସହ ରାଜ୍ୟ ସରକାରଙ୍କ ତରଫରୁ ମଧୁବାବୁ ଦିବ୍ୟାଙ୍ଗ ପେନସନ ଯୋଜନାରେ ମାସିକ ୧୨ଶହ ଟଙ୍କା ଭତ୍ତା ଆକାରରେ ପାଉଛନ୍ତି। ଏଥିରେ ତାଙ୍କ ପରିବାର ଭରଣପୋଷଣ ପାଇଁ ସମର୍ଥ ହୋଇପାରୁ ନାହାନ୍ତି। ଗୀତ ଗାଇବା ସହ ଲକ୍ଷ୍ମଣ କ୍ୟାସିଓ, ଢୋଲ, ନିଶାନ ଭଳି ବାଦ୍ୟଯନ୍ତ୍ର ବଜାଇବାରେ ପାରଙ୍ଗମ ଅଛନ୍ତି। କ୍ୟାସିଓ କିବୋର୍ଡ ବାଦ୍ୟଯନ୍ତ୍ରଟିଏ ଆଣିବା ପାଇଁ ତାଙ୍କର ଦୀର୍ଘ ଦିନର ଇଚ୍ଛା ରହିଥିଲେ ମଧ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଲକ୍ଷ୍ମଣ ଟିକେ ଚିନ୍ତିତ ଥିଲେ। ଗତବର୍ଷ ଭୁବନେଶ୍ୱରଠାରେ ଅନୁଷ୍ଠିତ ଲୋକ ଉତ୍ସବ କାର୍ଯ୍ୟକ୍ରମରେ ଲକ୍ଷ୍ମଣ ଶବର ଗୀତଗାଇ ସମସ୍ତଙ୍କୁ ଉତ୍ସାହିତ କରିଥିବାବେଳେ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ବାସଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଧ ସେ ଗୀତ ଗାଇଥିଲେ। ତାଙ୍କ ସୁମଧୁର କଣ୍ଠରେ ଗାଉଥିବା ଗୀତ ଶୁଣି ରାଜ୍ୟପାଳ ମଧ ମୁଗ୍ଧ ହୋଇଥିଲେ। ଏହି ଅବସରରେ ଲକ୍ଷ୍ମଣ ଶବର ନିଜ ପାଇଁ ଏକ କ୍ୟାସିଓ ବାଦ୍ୟଯନ୍ତ୍ର ଆବଶ୍ୟକ ସମ୍ପର୍କରେ ରାଜ୍ୟପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଯାହାକୁ ନେଇ ରାଜ୍ୟପାଳ ଶ୍ରୀ ଲାଲ୍ ରାୟଗଡ଼ା ଜିଲ୍ଲା ପ୍ରଶାସନକୁ କ୍ୟାସିଓ ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିବାକୁ ଚିଠି କରିଥିଲେ। ଗୁରୁବାର ରାୟଗଡ଼ା ଜିଲ୍ଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୨୮ ହଜାର ୨୦୦ ଟଙ୍କାର ଏକ କ୍ୟାସିଓ କିବୋର୍ଡ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଛି। ଲକ୍ଷ୍ମଣ ଯୁକ୍ତ ଦୁଇ ପର୍ଯ୍ୟନ୍ତ ବ୍ରେଲି ଶିକ୍ଷା ଗ୍ରହଣ କରି ଏକ ଶିକ୍ଷିତ ଯୁବକ ହୋଇପାରିଥିବା ବେଳେ ଲକ୍ଷ୍ମଣ ଭଳି ଦୃଷ୍ଟିବାଧିତଙ୍କୁ ବିଭିନ୍ନ କ୍ଷେତ୍ରରେ ସହଯୋଗ ତଥା ସମର୍ଥନ ଦେବା ପାଇଁ ରାୟଗଡ଼ା ଜିଲ୍ଲା ଭିନ୍ନକ୍ଷମ ମହାସଂଘ ସର୍ବଦା ଚେଷ୍ଟିତ ଅଛନ୍ତି ବୋଲି ଲକ୍ଷ୍ମଣ ପ୍ରକାଶ କରିଛନ୍ତି।

# ଯନ୍ତାରେ ପଡ଼ିଲା ଭାଲୁ



**କୋଷାଗୁମୁଡ଼ା,୧୪।୩(ସମିସ):**

ଗୁରୁବାର ସନ୍ଧ୍ୟା ୫ଟାରେ କୋଡ଼ିଙ୍ଗା ବନ ବିଭାଗର ଯନ୍ତାରେ ଏକ ବଡ଼ ଜଙ୍ଗଲୀ ଭାଲୁ ପଡ଼ିଛି। ପୂର୍ବାହ୍ନ ୧୧ଟାରୁ ପ୍ରାୟ ୫ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଯନ୍ତାରେ ଜଙ୍ଗଲୀ ଭାଲୁକୁ ଧରିବାରେ ବନ ବିଭାଗ ସଫଳ ହୋଇଛି। ନବରଙ୍ଗପୁର ଡିଏଫଓ ଶୁଭେନ୍ଦୁ ପ୍ରସାଦ ବେହେରା ଓ କୋଡ଼ିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରଭାତ ବିଶୋଇ, ଫରେଷ୍ଟଗାର୍ଡ ମନ୍ଦାସିନୀ ଶବର, ନବରଙ୍ଗପୁର ଆର୍‌ଆର୍‌ଟିମ୍ ଏ ମନୋଜ, ସୁନୀଲ କୁମାର ସାହୁ, ନୀଳାଞ୍ଚଳ ବିଶୋଇ, ଲୋଗୀତ ବିଶୋଇ ଏବଂ ଡବ୍ଲ୍ୟୁପି ସ୍କ୍ୱାଡର ମିଳିତ ଉଦ୍ୟମରେ ପ୍ରାୟ ୭ ବର୍ଷର ଅଣ୍ଡିରା ଭାଲୁକୁ ଯନ୍ତା ସାହାଯ୍ୟରେ ଧରାଯାଇଛି। ଏପଟେ ସେହି ଭାଲୁକୁ କୋଡ଼ିଙ୍ଗା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯିବା ସହ କୋଷାଗୁମୁଡ଼ା ପ୍ରାଣୀବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଚୁଡ଼ା, ଗୁଡ଼, କଦଳୀ ଓ ମହୁ ଖାଇବାକୁ ଦିଆଯିବା ସହ ଏଥିସହ ରେଞ୍ଜରଙ୍କୁ ଫିଟନେସ୍ ସାର୍ଟିଫିକେଟ ଦିଆଯାଇଛି। ଭାଲୁକୁ ଶୁକ୍ରବାର ନବରଙ୍ଗପୁର ଜିଲ୍ଲା ଡିଭିଜନ୍‌ର ସୁରକ୍ଷିତ ଜଙ୍ଗଲ ମଧ୍ୟରେ ଛଡ଼ାଯିବ ବୋଲି କୋଡ଼ିଙ୍ଗା ରେଞ୍ଜର ଶ୍ରୀ ନନ୍ଦ ସୂଚନା ଦେଇଛନ୍ତି। ପ୍ରାୟ ୪ ମାସ ତଳଠାରୁ କୋଷାଗୁମୁଡ଼ା ବ୍ଲକ ଅଞ୍ଚଳରେ ଖାଦ୍ୟ ଅନ୍ୱେଷଣ କରି ଜଙ୍ଗଲୀ ଭାଲୁ ଉକିଆପାଲି ପଞ୍ଚାୟତର ବରଗାଁ ଓ ଦୁରାଗାଁ ଅଞ୍ଚଳରେ ଘୂରି ବୁଲୁଥିଲା। ସ୍ଥାନୀୟ ଜନସାଧାରଣ ସନ୍ଧ୍ୟା ଏବଂ ଭୋର ସମୟରୁ ଘରୁ ବାହାରିବାବେଳେ ସତର୍କତା ଅବଲମ୍ବନ କରିଥିଲେ। ସ୍ଥାନୀୟ ବନ ବିଭାଗ ସଚେତନତା ସୃଷ୍ଟି କରିବା ସହ ଭାଲୁର ଗତିବିଧି ଉପରେ ନଜର ରଖିଥିଲେ।

**ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣା**

# ୧୨ ଦିନ ପରେ ମଧ ମୈଦଲପୁର ପୁଲିସ ହାତ ଖାଲି

**ମୈଦଲପୁର,୧୪।୩(ସମିସ)**



ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ମୈଦଲପୁର ଥାନା ଅଧୀନ ଗାଦବାକତରାରେ ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣାକୁ ୧୨ ଦିନ ବିତିଥିଲେ ମଧ ମୈଦଲପୁର ପୁଲିସ ହାତ ଖାଲି ରହିଛି। ଦୁର୍ବୃତ୍ତଙ୍କୁ ଗିରଫ କରିବାରେ ପୁଲିସ ବିଫଳ ରହିଥିବାବେଳେ ଖୁବଶୀଘ୍ର ଆକ୍ରମଣକାରୀଙ୍କୁ ଗିରଫ କରା ନ ଗଲେ ଥାନା ସମ୍ମୁଖରେ ପରିବାର ସଦସ୍ୟ ଧାରଣା ଦେବାକୁ ଚେତାବନୀ ଶୁଣାଇଛନ୍ତି। ମୈଦଲପୁର ଥାନା ଅଧୀନ ଗାଦବାକତରା ରାସ୍ତାର କାଜୁ ବାଡ଼ ନିକଟ ପଡ଼ିଆରେ ଗତ ମାର୍ଚ୍ଚ ୨ ତାରିଖ ରାତିରେ କିଛି ଦୁର୍ବୃତ୍ତଙ୍କ ଆକ୍ରମଣରେ ବ୍ୟବସାୟୀ ଓମ୍ ପ୍ରକାଶ ଜୈନ ଗୁରୁତର ଆହତ ହୋଇ ବିଶାଖାପାଟଣା ମେଡିକାଲରେ ଚିକିତ୍ସା ହୋଇ ଘରକୁ ଫେରିଛନ୍ତି। ଏନେଇ ମୈଦଲପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ ପୁଲିସ ଏଯାଏଁ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଏଣେ ନ୍ୟାୟ ପାଇବା ପାଇଁ ପରିବାର ଲୋକେ ବାରମ୍ବାର ଥାନାକୁ ଦୌଡ଼ିବା ସହ ମାନସିକ ଚିନ୍ତାରେ ପଡ଼ିଯାଇଛନ୍ତି। ଏହି ଘଟଣାକୁ ନେଇ ପାପଡ଼ାହାଣ୍ଡି ଏସଡିପିଓ ମିନାକ୍ଷୀ ଠାକୁର ଏବଂ ମୈଦଲପୁର ଥାନା ଅଧିକାରୀ ଯୋଗେଶ୍ୱର ଦଣ୍ଡସେନାଙ୍କୁ ଯୋଗାଯୋଗ କରିବାରେ, ତଦନ୍ତ ଚାଲିଛି ଖୁବଶୀଘ୍ର ଅପରାଧୀକୁ ଧରିବାରେ ସଫଳ ହେବୁ ବୋଲି କହିଛନ୍ତି। ଅନ୍ୟପଟେ ଲଭଲି ଜୈନ ଏବଂ ଅଙ୍କିତ ଜୈନ କୌଣସି ଏକ ରାଜନୈତିକ ଦଳ ପୁଲିସ ଉପରକୁ ଚାପ ପକାଉଥିବାରୁ ପୁଲିସ ଦୁର୍ବୃତ୍ତମାନଙ୍କୁ ଗିରଫ କରିବାରେ ବିଳମ୍ବ କରୁଛି ବୋଲି ଅଭିଯୋଗ କରିଛନ୍ତି। ଅତିଶୀଘ୍ର ଯଦି ଦୁର୍ବୃତ୍ତମାନଙ୍କୁ ଗିରଫ କରା ନ ଯାଏ ତାହେଲେ ପରିବାର ଲୋକ ମୈଦଲପୁର ଥାନା ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି। ପ୍ରକାଶ ଥାଉକି, ଓମ୍ ପ୍ରକାଶ ଚଳିତ ମାସ ୨ ତାରିଖ ସନ୍ଧ୍ୟା ବେଳେ କାଜୁ ବାଡ଼ ନିକଟକୁ ବୁଲିବା ପାଇଁ ଯାଇଥିବାବେଳେ ଆକ୍ରମଣର ଶିକାର ହୋଇଥିଲେ।

**■ ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଗିରଫ ନ କଲେ ଥାନା ସମ୍ମୁଖରେ ଧାରଣା ଦେବେ ପରିବାର**

# ଉତ୍କଳ ସାମ୍ବାଦିକ ସଂଘ ରାୟଗଡ଼ା ଶାଖା ପକ୍ଷରୁ କଳାବ୍ୟାଜ୍ ପରିଧାନ

**ରାୟଗଡ଼ା,୧୪।୩(ସମିସ):** ରାଜ୍ୟରେ ବିଭିନ୍ନ ସତ୍ୟ ଘଟଣା ଲୋକଲୋଚନକୁ ଆଣୁଛନ୍ତି କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ। ସମୟ ସମୟରେ ନିଜ ଜୀବନକୁ ବାଜି ଲଗାଇ ମଧ ଖବର ପରିବେଷଣ କରୁଛନ୍ତି। ହେଲେ ରାଜ୍ୟ ସରକାର ସମସ୍ତ ସରକାରୀ ଓ ବେସରକାରୀ କର୍ମଚାରୀଙ୍କ ପାଇଁ ବିଭିନ୍ନ ଯୋଜନାମାନ କରୁଥିଲେ ମଧ ଗଣମାଧମ ପ୍ରତିନିଧିଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା କରୁନାହାନ୍ତି। ଏନେଇ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବହୁବାର ଦାବିପତ୍ର ମଧ ପ୍ରଦାନ କରାଯାଇଛି। ତେବେ ଦାବି ପୂରଣ ଦିଗରେ ବିଳମ୍ବ ହେଉଥିବା ହେତୁ ଉତ୍କଳ ସାମ୍ବାଦିକ ସଂଘର ପ୍ରତ୍ୟେକ ଜିଲ୍ଲାର ସଦସ୍ୟମାନେ ଏହାକୁ ବିରୋଧ କରି ଗୁରୁବାର କଳାବ୍ୟାଜ୍ ପରିଧାନ କରିଛନ୍ତି। ରାୟଗଡ଼ାଠାରେ ମଧ ସଦସ୍ୟମାନେ କଳାବ୍ୟାଜ୍ ପରିଧାନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ଥିଲେ। ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ, ଅନ୍ୟ ରାଜ୍ୟ ପରି ବୟସ୍କ ସାମ୍ବାଦିକଙ୍କୁ ପେନସନ୍ ପ୍ରଦାନ, ଅଧିସ୍ୱୀକୃତି କମିଟି ପୁନଃଗଠନ ଓ ବ୍ଲକଠାରୁ ରାଜ୍ୟ ପର୍ଯ୍ୟନ୍ତ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ପ୍ରବର୍ତ୍ତିତ ସ୍ୱାସ୍ଥ୍ୟବୀମା ଯୋଜନାରେ ବାପା-ମାଆ ଓ ୨୫ବର୍ଷରୁ ଊର୍ଦ୍ଧ୍ୱ ନିର୍ଭରଶୀଳ ସନ୍ତାନମାନଙ୍କୁ ସାମିଲ୍, ପ୍ରେସ୍ ଏକାଡେମୀ ଗଠନ ସହିତ ଭୁବନେଶ୍ୱରରେ ଏକାଡେମୀ କାର୍ଯ୍ୟାଳୟ ସ୍ଥାପନ ଏବଂ ଲୋକସଭା ଭବନ ସମେତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସାମ୍ବାଦିକଙ୍କ ପ୍ରବେଶ ଅଧିକାର ଆଦି ଦାବି କରାଯାଇଛି। ରାୟଗଡ଼ା ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ସୁରେଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ସଂଘର ସମସ୍ତ ସାମ୍ବାଦିକ ଉପସ୍ଥିତ ରହି କଳାବ୍ୟାଜ୍ ପରିଧାନ କରିଥିଲେ। ସେହିଭଳି ମୁନିଗୁଡ଼ାଠାରେ ମଧ ସୀମାଞ୍ଚଳ ପଣ୍ଡାଙ୍କ ନେତୃତ୍ୱରେ ସାମ୍ବାଦିକମାନେ କଳାବ୍ୟାଜ୍ ପରିଧାନ କରିଥିଲେ।

# ଦୋରାଗୁଡ଼ା ନଦୀଘାଟକୁ ନୂତନ ଡଙ୍ଗା ପ୍ରଦାନ

**ଚିତ୍ରକୋଣ୍ଡା,୧୪।୩ (ସମିସ):** ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଦୋରାଗୁଡ଼ା ପଞ୍ଚାୟତର ଦୋରାଗୁଡ଼ା ନଦୀଘାଟକୁ ଗୁରୁବାର ନୂତନ ଡଙ୍ଗା ପ୍ରଦାନ କରାଯାଇଛି। ନୂତନ ଡଙ୍ଗାକୁ ମାଲକାନଗିରି ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲୁ ଓ ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଦୋରାଗୁଡ଼ା ସରପଞ୍ଚ ଭଗବତୀ ନାୟକ, ସମିତିସଭ୍ୟ ହିରାମଣି ଖରା ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ଦୋରାଗୁଡ଼ା ଘାଟରେ ନୂତନ ଡଙ୍ଗା ମିଳିବା ଫଳରେ ୬ଟି ପଞ୍ଚାୟତ ଯଥା ଦୋରାଗୁଡ଼ା, ନୂଆଗୁଡ଼ା, ଗୁଣ୍ଡାୱାଡ଼ା, ପାପୁଲୁର, କୁର୍ମାନୁର୍ ଓ କପତୁଟି ପଞ୍ଚାୟତବାସୀ ଉପକୃତ ହେବେ। ଦୋରାଗୁଡ଼ା ଘାଟରେ ଥିବା ପୁରୁଣା ଡଙ୍ଗାଟି ଭାଙ୍ଗିଯିବା ଫଳରେ ଅଞ୍ଚଳବାସୀମାନେ ମାଛ ଧରା ଡଙ୍ଗା ଓ ୧୦ କିଲୋମିଟର ବୁଲି ଚିତ୍ରକୋଣ୍ଡାକୁ ଆସୁଥିଲେ। ନୂତନ ଡଙ୍ଗା ପାଇଁ ଅଞ୍ଚଳବାସୀ ବହୁଦିନରୁ ଦାବି କରି ଆସୁଥିବାବେଳେ ନୂତନ ଡଙ୍ଗା ମିଳିଥିବାରୁ ସେମାନେ ଖୁସି ପ୍ରକଟ କରିଛନ୍ତି।



# ଶାଗୁଆନ କାଠ ଜବତ, ଜଣେ ଗିରଫ



**ପାରଳାଖେମୁଣ୍ଡି,୧୪।୩ (ସମିସ):** ଗଜପତି ଜିଲ୍ଲା ମହେନ୍ଦ୍ର ବନାଞ୍ଚଳର ଗୋଷାଣି ବ୍ଲକ ଘରୋଣି ପଞ୍ଚାୟତ କୃଷ୍ଣସାଗର ନିକଟରେ ସାଗୁଆନ କାଠ ଚାଲାଣକୁ ରୋକିପାରିଛି ବନ ବିଭାଗ। ରାୟଗଡ ବ୍ଲକ ଗଣ୍ଡାହାତୀ ଗ୍ରାମର ପ୍ରହ୍ଲାଦ ଲିମା ଗୋଟିଏ ବାଇକରେ ତିନି ଖଣ୍ଡ ସାଗୁଆନ୍ କାଠ ଧରି ଯାଉଥିବା ବେଳେ ମହେନ୍ଦ୍ର ବନାଞ୍ଚଳ ପକ୍ଷରୁ ଚଢଉ କରାଯାଇଥିଲା। ଘଟଣାରେ ବ୍ୟବହୃତ ବାଚ ସମେତ ସାଗୁଆନ ଗଛକୁ ତିନି ଖଣ୍ଡ କରି କଟାଯାଇଥିବା କାଠକୁ ଜବତ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଉକ୍ତ କାଠକୁ ଗଣ୍ଡାହାତୀରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଚାଲାଣ କରୁଥିବା ଜଣାପଡିଛି। ନାରାୟଣପୁର ସ୍ଥିତ ମହେନ୍ଦ୍ର ବନାଞ୍ଚଳ ଅଧିକାରୀ ଅମିତ ଶୁଭ୍ରଜିତଙ୍କ ନେତୃତ୍ୱରେ ଏମ୍.କାମେଶ୍ୱର, ଗାରବନ୍ଧ ରେଞ୍ଜର ଓ ବନପାଳ ଦୁର୍ଯ୍ୟୋଧନ ଜେନାଙ୍କ ସହ ବନକର୍ମଚାରୀ ଚଢ଼ଉରେ ସାମିଲ ହୋଇଥିଲେ।

# ପୁଲିଂ ଅଫିସରଙ୍କୁ ଜିଲ୍ଲାପାଳଙ୍କ ତାଲିମ

**ନନ୍ଦପୁର,୧୪।୩(ସମିସ):**

ଭିସି ମାଧ୍ୟମରେ କୋରାପୁଟ ଜିଲ୍ଲାର ସମସ୍ତ ପୁଲିଂ ଅଫିସରଙ୍କୁ ଦଳଗତ ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ କୋରାପୁଟ ଜିଲ୍ଲାପାଳ କୀର୍ତ୍ତି ଭାସନ ଭି ଆହ୍ୱାନ ଦେଇଛନ୍ତି। ଗୁରୁବାର ନନ୍ଦପୁର ବ୍ଲକରେ ଅନୁଷ୍ଠିତ ହେଉଥିବା ପୁଲିଂ ଅଫିସରମାନଙ୍କ ତିନି ଦିନିଆ ତାଲିମ ଶିବିରରେ ଭିସି ମାଧ୍ୟମରେ ଜିଲ୍ଲାପାଳ ଯୋଗଦେଇ ସଠିକ୍ ଓ ନିର୍ଭୁଲ୍ ଭାବେ ତାଲିମ୍ ନେଇ କୋରାପୁଟ ଜିଲ୍ଲାର ଏକ ଦଳଗତ ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ନିର୍ଭୁଲ ଭାବେ ତାଲିମ୍ ନେଇ ସଠିକ୍ ନିର୍ବାଚନ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ତତସହିତ କେଉଁଠି କଣ ଅସୁବିଧା ହେଲେ ଜିଲ୍ଲା ପ୍ରଶାସନ ଆପଣମାନଙ୍କ ପଛରେ ଅଛନ୍ତି ବୋଲି କହିଥିଲେ। ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ପୁଲିଂ ଅଫିସରମାନଙ୍କ ସହ ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା, ତହସିଲଦାର ଅନାଦି ଚରଣ ସାହୁ, ଜିପିଇଓ ବେଦାନ୍ତ କୁମାର ମାଝୀ, ଏଇଇ ଯଶକେତନ ବେହେରା, ଡବ୍ଲ୍ୟୁଇଓ ସୁବ୍ରତ କୁମାର ପରିଡ଼ା, ଜେଇ ଉମାଶଙ୍କର ମହାନ୍ତି, ବ୍ଲକ୍ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ, ପିବିଏମ୍ ବିଚିତ୍ର କୁମାର ରାଉତ ପ୍ରମୁଖ ତାଲିମ ବୈଠକରେ ଯୋଗଦେଇଥିଲେ।



**ଋତୁସ୍ରାବ ବିଷୟରେ ଆଦିବାସୀ ମହିଳାଙ୍କୁ ସଚେତନତା**

# 'ଫୋର୍ବସ' ପତ୍ରିକାରେ ସ୍ଥାନ ପାଇଲେ ମାଲକାନଗିରିର ଆଦିବାସୀ ଝିଅ ଜୟନ୍ତୀ

**ମାଲକାନଗିରି, ୧୪।୩(ସମିସ)**

ଅନ୍ତର୍ଜାତୀୟ ଖବରକାଗଜ ସଂସ୍ଥା ଫୋର୍ବସ ପକ୍ଷରୁ ଦେଶର ୨୩ ଜଣ ଶକ୍ତିଶାଳୀ ମହିଳାଙ୍କୁ ଚୟନ କରାଯାଇଛି। ଏହି ତାଲିକାରେ ବିଶ୍ୱ ବ୍ୟାଙ୍କ ଏମଡି ଓ ସିଏଫଓ ଅନଶୂଳା କାନ୍ତ, କ୍ରିକେଟର ଦୀପ୍ତି ଶର୍ମା, ହିନ୍ଦୀ ସିନେମା ଜଗତର ଚର୍ଚ୍ଚିତ ଚେହେରା କ୍ରୀତି ସାନୋନ ଓ ଚେସ ଗ୍ରାଣ୍ଡମାଷ୍ଟର ଆର୍ ବୈଶାଳୀଙ୍କ ଭଳି ୨୩ ଜଣ ଶକ୍ତିଶାଳୀ ମହିଳା ସ୍ଥାନ ପାଇଥିବାବେଳେ ଓଡ଼ିଶାରୁ ଏକମାତ୍ର ମହିଳା ଭାବେ ମାଲକାନଗିରି ଜିଲ୍ଲାର ଆଦିବାସୀ ଝିଅ ଜୟନ୍ତୀ ବୁରୁଦା ଏହି ତାଲିକାରେ ସାମିଲ ହୋଇଛନ୍ତି। ଜୟନ୍ତୀ ପ୍ରଥମ ଆଦିବାସୀ ଝିଅ ଯିଏ କି ଏନଡବ୍ଲ୍ୟୁଏମଆଇରୁ ଫେଲୋସିପ୍ ଗ୍ରହଣ କରିଥିଲେ ଏବଂ ପରେ ଜଙ୍ଗଲ ରାଣୀ ଇନିସିଏଟିଭ ଆରମ୍ଭ କରି ଆଦିବାସୀ ଝିଅମାନଙ୍କୁ ଟେକ୍ନୋଲୋଜିର ଶିକ୍ଷା ଦେଉଛନ୍ତି। ଯାହାଫଳରେ ଦୁର୍ଗମ ଅଞ୍ଚଳର ପ୍ରତିଟି ଖବର ସମସ୍ତଙ୍କ ପାଖରେ ପହଞ୍ଚି ପାରିବ। ଏହାସହ ପ୍ରାୟ ୬ ବର୍ଷ ପୂର୍ବରୁ ବଡ଼ ଦିଦି ନାମକ ଏକ ସଂଗଠନ ଆରମ୍ଭ କରି ଋତୁସ୍ରାବ ବିଷୟରେ ଆଦିବାସୀ ମହିଳା ଓ ଯୁବତୀଙ୍କୁ ସେ ସଚେତନ କରୁଛନ୍ତି। ସେ ଗଣମାଧ୍ୟମରେ ଜୋନ୍ ସମ୍ବାଦିକା ଭାବେ ମଧ କାର୍ଯ୍ୟ କରିଥିବାବେଳେ ସେହି ସମୟରେ ମାଲକାନଗିରି ଜିଲ୍ଲାର ଦୁର୍ଗମ ଅଞ୍ଚଳ ବିଶେଷ କରି ବଣ୍ଡାଘାଟି ଓ ସ୍ୱାଭିମାନ ଅଞ୍ଚଳରେ ଋତୁସ୍ରାବ ବିଷୟରେ ମହିଳା ଓ ଯୁବତୀମାନଙ୍କ ମଧ୍ୟରେ ସଚେତନତା ଅଭାବକୁ ଅନୁଭବ କରିଥିଲେ। ଆଉ ସେଥିପାଇଁ ୨୦୧୭ରେ ପ୍ରାୟ ୨୦ ଜଣ ଶିକ୍ଷିତ ଯୁବତୀଙ୍କୁ ନେଇ ଆରମ୍ଭ କରିଥିଲେ ବଡ଼ଦିଦି ସଂଗଠନ। ଦୁର୍ଗମ ବଣ୍ଡାଘାଟିର ବିଭିନ୍ନ ଗାଁରେ ଘରକୁ ଘର ବୁଲି ପ୍ରଥମେ ଯୁବତୀମାନଙ୍କୁ ଋତୁସ୍ରାବ ସମୟରେ ହେଉଥିବା ସମସ୍ୟା ଓ ସାନିଟାରୀ ପ୍ୟାଡ୍ ବ୍ୟବହାର ବିଷୟରେ ସଚେତନତା ଅଭିଯାନ ଆରମ୍ଭ କରିଥିଲେ। ଆଭ୍ୟନ୍ତରୀଣ ଅଞ୍ଚଳରେ ସାନିଟାରୀ ପ୍ୟାଡ୍ ମିଳିପାରୁ ନ ଥିବାରୁ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଘରେଘରେ ସାନିଟାରୀ ପ୍ୟାଡ୍ ବାଣ୍ଟିବା ଆରମ୍ଭ କରିଥିଲେ ଜୟନ୍ତୀ। ପରେ ବଣ୍ଡାଘାଟି ଓ ପ୍ରାୟ ୩ରୁ ୪ଟି ଜାଗାରେରେ ପ୍ୟାଡ୍ ବ୍ୟାଙ୍କ ସ୍ଥାପନ କରାଯାଇଛି। ଜୟନ୍ତୀଙ୍କ କହିବା ଅନୁଯାୟୀ ପ୍ରଥମେ ଯୁବତୀମାନଙ୍କୁ ଆମେ ସଚେତନ କରିଥିଲୁ ଏବେ ସେମାନେ ତାଙ୍କ ପରିବାର ସଦସ୍ୟାଙ୍କୁ ମଧ ସଚେତନ କରୁଛନ୍ତି ଯାହାଫଳରେ ମହିଳାମାନେ ସମ୍ମାନର ସହ ଜୀବନ ଅତିବାହିତ କରିପାରିବେ। ଯାହାକି ତାଙ୍କୁ ଏକ ନୂତନ ପରିଚୟ ଦେଇଥିବାବେଳେ ମାଓଗଡ଼ରୁ ସେ ଫୋର୍ବସ ପତ୍ରିକାରେ ସ୍ଥାନିତ ହୋଇ ପାରିଥିବାରୁ ସେ ବେଶ୍ ଖୁସି ବ୍ୟକ୍ତ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।






